ବର୍ଷ-୨୬, ସଂଖ୍ୟା-୯୦
ଭୁବନେଶ୍ୱର
୩, ଏପ୍ରିଲ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 90
Bhubaneswar
3, April, 2026 Friday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


### ଚୌଦ୍ୱାର ଜେଲ ଭାଙ୍ଗିବା ମାମଲା

## ଫେରାର କଏଦୀ ଋଷିକେଶରୁ ଗିରଫ

**ଭୁବନେଶ୍ୱର,୨।୪(ମହାଭାରତ):** ଚୌଦ୍ୱାର ଜେଲ୍ ଭାଙ୍ଗିବା ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। କମିଶନରେଟ୍ ପୁଲିସର ଏକ ସ୍ୱତନ୍ତ୍ର ଦଳ ଉତ୍ତରାଖଣ୍ଡର ଋଷିକେଶରୁ ପଳାତକ ବନ୍ଦୀକୁ ଗିରଫ କରିଛି।



ଓଡିଶାର ଡିଜିପି ୱାଇ ବି ଖୁରାନିଆ ଗିରଫ ନେଇ ସୂଚନା ଦେଇ କହିଛନ୍ତି ଯେ ଅଭିଯୁକ୍ତ ରାଜା ସାହାଣୀ ଭେଷ ବଦଳାଇ ଲୁଚି ରହୁଥିଲା। ତାକୁ ଟ୍ରାନ୍ଜିଟ୍ ରିମାଣ୍ଡରେ ଓଡିଶାକୁ ଆଣାଯାଉଛି, ଏହାପରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟକଳାପ କରାଯିବ। ସାହାଣୀଙ୍କ ଗିରଫ ସହିତ ତିନିଜଣ ପଳାତକ ବନ୍ଦୀମାନଙ୍କ ମଧ୍ୟରୁ ଦୁଇଜଣକୁ ଏପର୍ଯ୍ୟନ୍ତ ଧରାଯାଇଛି। ଏହା ପୂର୍ବରୁ ସହ-ଅଭିଯୁକ୍ତ ମଧୁକାନ୍ତ ରଣାଙ୍କୁ ବୃନ୍ଦାବନରୁ ଗିରଫ କରାଯାଇଥିଲା। ଉଲ୍ଲେଖନୀୟ ଯେ, ୨୦୨୫ ମସିହାର ଦଶହରା ଦିନ ବନ୍ଦୀମାନେ ଜେଲର ଗ୍ରିଲ୍ କାଟି ପଳାଇଥିଲେ, ଯାହା ଜେଲ୍ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଥିଲା। ପୁଲିସ ଏହି ମାମଲାର ଗଭୀର ତଦନ୍ତ କରୁଛି ଏବଂ ଭିତରୁ ସହଯୋଗ ଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ତୃତୀୟ ପଳାତକ ବନ୍ଦୀଙ୍କୁ ଧରିବା ପାଇଁ ଖୋଜା ଚାଲିଛି ଏବଂ ଏହି ମାମଲାରେ ଦାୟିତ୍ୱ ନିର୍ଦ୍ଧାରଣ ପ୍ରକ୍ରିୟା ମଧ୍ୟ ଚାଲିଛି।

## ରାଜଧାନୀରୁ ଜବତ ହେଲା ବନ୍ଧୁକ

**ଭୁବନେଶ୍ୱର,୨।୪(ମହାଭାରତ):** ରାଜଧାନୀରୁ ଜବତ ହେଲା ବନ୍ଧୁକ ଓ ୨ ଟି ସେମି ଅଟୋମେଟିକ ବନ୍ଧୁକ ସାଙ୍ଗକୁ ୧୦ ରାଉଣ୍ଡ ଗୁଳି ଜବତ୍ କରାଯାଇଛି। ଅଭିଯୁକ୍ତକୁ କାବୁ କଲା ସ୍ପେଶାଲ କ୍ରାଇମ ୟୁନିଟ । ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ତଳସାହିର ଅମରେଶ ରାଉତକୁ ଗିରଫ କରିଛି ସ୍ପେଶାଲ କ୍ରାଇମ ୟୁନିଟ ଓ ଅଭିଯୁକ୍ତ ଠାରୁ ୨ ଟି ମାଗାଜିନ ସମେତ ଜବତ ହୋଇଛି ଗୋଟିଏ ବାଇକ୍ । ଏହି ଘଟଣାରେ ସ୍ପେଶାଲ କ୍ରାଇମ ୟୁନିଟର ଏସିପି ମାନସ ସ୍ୱାଇଁ କହିଛନ୍ତି ଯେ, ବନ୍ଧୁକ ଦେଖାଇ ହେଉଥିଲା ଜମି ପୋଜେସନ । ବିଲଡର ପାଖରେ ରହି ମାର୍କେଟିଙ୍ଗ କାମ କରୁଥିଲା ଅମରେଶ । ବନ୍ଧୁକ ବିକ୍ରି କରୁଥିଲା ନା ନାହିଁ ସେ ଦିଗରେ ତଦନ୍ତ ଚାଲିଛି । ୨୦୨୧ ବହୁ ଚର୍ଚ୍ଚିତ ଝରାଫୁଲ ହତ୍ୟା ମାମଲାରେ ଅଭିଯୁକ୍ତର ସମ୍ପୃକ୍ତି ଥିବା ସୂଚନା ମିଳିଛି ।

## ଆରମ୍ଭ ହେଲା ଯୁକ୍ତ ୨ ଖାତା ଦେଖା



**ଭୁବନେଶ୍ୱର,୨।୪(ମହାଭାରତ):** ଆଜିଠୁ ଆରମ୍ଭ ଯୁକ୍ତ ୨ ଖାତା ଦେଖା । ୨ଟି ପର୍ଯ୍ୟାୟରେ ସରିବ ମୂଲ୍ୟାଙ୍କନ । ଏପ୍ରିଲ ୨ରୁ ୧୩ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟରେ ଖାତା ଦେଖାଯିବ । ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଏପ୍ରିଲରୁ ୨୬ ଏପ୍ରିଲ ମଧ୍ୟରେ ସରିବ । ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ ସିଏଚଏସଇ କରୁଛି ପ୍ରସ୍ତୁତି । ୩ ଲକ୍ଷ ୯୬ ହଜାର ୫୯୨ ପରୀକ୍ଷାର୍ଥୀଙ୍କ ଖାତା ଦେଖାଯିବ । ଫେବୃୟାରୀ ୧୮ ରୁ ଆରମ୍ଭ ହୋଇଥିବା ପରୀକ୍ଷା ମାର୍ଚ୍ଚ ୨୮ ରେ ଶେଷ ହୋଇଥିଲା । ଅନଲାଇନ୍ ଖାତା ଦେଖା ୨ ଟି ସିଫ୍ଟରେ ହେଉଛି । ସକାଳ ୦୭: ୩୦ ରୁ ୧୧: ୩୦ ଏବଂ ଦ୍ୱିତୀୟ ସିଫ୍ଟରେ ୧୨ ରୁ ୪ ଘଟିକା । ଅଫଲାଇନ ସକାଳ ୮ ରୁ ୧ ଘଟିକା ଯାଏ ଚାଲିବ ।

# ୧,୮୮୯ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଲୋକାର୍ପିତ

**ଭୁବନେଶ୍ୱର,୨।୪(ମହାଭାରତ):** ଓଡ଼ିଶାର ୩୦ଟି ଜିଲ୍ଲାରେ ନିର୍ମିତ ୧,୮୮୯ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୁରୁବାର ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏହି କେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଉପ-ମୁଖ୍ୟମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟକୁ ଦୋହରାଇ କହିଥିଲେ ଯେ, 'ସୁନ୍ଦର, ସକ୍ଷମ ଓ ସୁଦୃଢ଼ ଅଙ୍ଗନବାଡ଼ି' ଗଠନ ହିଁ ଆମର ମୂଳ



ଲକ୍ଷ୍ୟ। ସେ ବାଲେଶ୍ୱର, ଗଞ୍ଜାମ, କଟକ, ଅନୁଗୋଳ ଏବଂ ଦେବଗଡ଼ ଭଳି ବିଭିନ୍ନ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୟାସକୁ ପ୍ରଶଂସା କରିବା ସହ କହିଥିଲେ ଯେ, ଆଜିର ଏହି ଶିଶୁମାନେ ହିଁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

ସୂଚନାଯୋଗ୍ୟ ଯେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଂଚାୟତିରାଜ ବିଭାଗର ମିଳିତ ସହଯୋଗରେ ଏହି ପ୍ରକଳ୍ପ ସଫଳ ହୋଇପାରିଛି। ଏହି ନୂତନ କେନ୍ଦ୍ରଗୁଡ଼ିକ ଶିଶୁ, ଗର୍ଭବତୀ ମହିଳା ଏବଂ ପ୍ରସୂତି ମା'ମାନଙ୍କ ପାଇଁ ପୁଷ୍ଟିସାଧନ, ପ୍ରାରମ୍ଭିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତାର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ ଏବଂ ଉଭୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ୩୦ଟି ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଡି.ଏସ.ଡବ୍ଲୁ.ସି.ଡି .ପି .ଓ . ତଥା ଅନ୍ୟାନ୍ୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## ରାଜପଥ ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

**ଭୁବନେଶ୍ୱର,୨।୪(ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲାରେ କୋଇଲା ପରିବହନ ଏବଂ ଶିଳ୍ପ ଭିତ୍ତିଭୂମିକୁ ସଦୃଢ଼ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଏହି ସମ୍ପର୍କରେ ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ଛେଣ୍ଡିପଦା-ଅନୁଗୋଳ ରାଜ୍ୟ ରାଜପଥ (ଏସଏଚ- ୬୩) ର ପ୍ରଶସ୍ତିକରଣ ଓ ବାଇପାସ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସହ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ପାଇଁ ଅନୁରୋଧ କରିଛନ୍ତି।



ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର କେନ୍ଦ୍ରଭାଗରେ ଅବସ୍ଥିତ ଅନୁଗୋଳ ଜିଲ୍ଲାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ଏବଂ ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ରେ ପ୍ରାୟ ୫ ପ୍ରତିଶତ ଅବଦାନ ଦେଉଛି । କୋଇଲା ସମ୍ପଦରେ ସମୃଦ୍ଧ ଏହି ଜିଲ୍ଲାର ବାର୍ଷିକ କୋଇଲା ଉତ୍ପାଦନ ବର୍ତ୍ତମାନର ୧୧୬ ମିଲିୟନ ଟନ୍ (ଏମଟି) ରୁ ବୃଦ୍ଧି ପାଇ ୨୦୩୩ ସୁଦ୍ଧା ୨୫୦-୩୦୦ ମିଲିୟନ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏହି ଜିଲ୍ଲା ଇସ୍ପାତ, ଆଲୁମିନିୟମ ଏବଂ ତାପଜ ବିଦ୍ୟୁତ କେନ୍ଦ୍ର ଭଳି ଭାରୀ ଶିଳ୍ପ, ଉନ୍ନତ ବିନିର୍ମାଣ ଏବଂ ଆନୁସଙ୍ଗିକ ଏମଏସଏମଇ ଗୁଡ଼ିକ ପାଇଁ ଏକ ଉତ୍ତମ ବାତାବରଣ ତିଆରି କରୁଛି । ଅନୁଗୋଳରେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ, ଏନଟିପିସି କଣିହାଁ, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନ ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡର ବ୍ୟାପକ କୋଇଲା ଖଣି ଭଳି ପ୍ରମୁଖ ଶିଳ୍ପ ଓ ଶକ୍ତି କେନ୍ଦ୍ରଗୁଡ଼ିକ ରହିଛି, ଯାହା ରାଜ୍ୟର ଶକ୍ତି ନିରାପତ୍ତାର ମେରୁଦଣ୍ଡ ସାଜିଛି । ବିଶେଷ କରି ଛେଣ୍ଡିପଦା ତହସିଲ ଅଞ୍ଚଳ ଭାରତର କୋଇଲା ଗଚ୍ଛିତ ଭଣ୍ଡାରର ପ୍ରାୟ ଏକ-ଷଷ୍ଠାଂଶ ହୋଇଥିବାରୁ, ଏହା ଦେଶର ଶକ୍ତି ନିରାପତ୍ତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ବର୍ତ୍ତମାନର ସଡ଼କ ଭିତ୍ତିଭୂମି, ବିଶେଷ କରି ରାଜ୍ୟ ରାଜପଥ-୬୩ ଏବଂ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତା, ଅତ୍ୟଧିକ କୋଇଲା ପରିବହନ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି । ଏହି ରାସ୍ତାଗୁଡ଼ିକ ଜନବସତି ଦେଇ ଯାଉଥିବାରୁ ଟ୍ରାଫିକ ଜାମ୍, ଦୁର୍ଘଟଣା ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଥିବା ସେ ଦର୍ଶାଇଛନ୍ତି ।

ଏହି ସମସ୍ୟାର ସମାଧାନ ପାଇଁ ଶ୍ରୀ ପ୍ରଧାନ ଦୁଇଟି ପ୍ରମୁଖ ପ୍ରସ୍ତାବ ରଖିଛନ୍ତି । ପ୍ରଥମତଃ, ଛେଣ୍ଡିପଦାରୁ ଅନୁଗୋଳ ପର୍ଯ୍ୟନ୍ତ ଯାଇଥିବା ରାଜ୍ୟ ରାଜପଥ-୬୩କୁ ଦୁଇ ଲେନ୍‌ରୁ ଚାରି ଲେନ୍‌କୁ ପ୍ରଶସ୍ତିକରଣ କରିବା ସହ ଜନବସତି ଅଞ୍ଚଳରେ ବାଇପାସ ନିର୍ମାଣ କରିବାକୁ ସେ ଅନୁରୋଧ କରିଛନ୍ତି । ଦ୍ୱିତୀୟରେ, ଛେଣ୍ଡିପଦା-ଜରପଡ଼ା ମୁଖ୍ୟ ଜିଲ୍ଲା ରାସ୍ତାକୁ ପ୍ରଶସ୍ତ କରିବାକୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଏହି ରାସ୍ତାଟି ଖଣି ଅଞ୍ଚଳକୁ ୫୫ ନମ୍ବର ଜାତୀୟ ରାଜପଥ ଓ ରେଳ କରିଡର ସହ ଯୋଡୁଛି । ଏହାର ପ୍ରଶସ୍ତିକରଣ ଦ୍ୱାରା ରାଜ୍ୟ ରାଜପଥ- ୬୩ ଉପରୁ ଯାନବାହନ ଚାପ କମିବ ଏବଂ ଏକ ବିକଳ୍ପ ପରିବହନ ମାର୍ଗ ସୃଷ୍ଟି ହେବ । ଉନ୍ନତ ସଡ଼କ ସଂଯୋଗୀକରଣ ଦ୍ୱାରା କେବଳ କୋଇଲା ପରିବହନ ସହଜ ହେବ ନାହିଁ, ବରଂ ଏହା ଅଞ୍ଚଳରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି।

## ତ୍ୱରାନ୍ୱିତ ହେବ ପିଏନ୍‌ଜି ସଂଯୋଗୀକରଣ

**ଭୁବନେଶ୍ୱର,୨।୪(ମହାଭାରତ):** ଢରାଜ୍ୟରେ ଏଲ୍‌ପିଜି ଓ ପେଟ୍ରୋଲିୟମ୍ ଜାତ ଦ୍ରବ୍ୟର ସୁଗମ ଯୋଗାଣ ସୁନିଶ୍ଚିତ କରିବାକୁ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗୀୟ ଅଧିକାରୀ, ବିଭିନ୍ନ ତୈଳ ଓ ଗ୍ୟାସ୍ କମ୍ପାନୀର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ଗ୍ୟାସ୍ କଳାବଜାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗ୍ୟାସ ଯୋଗାଣ ଅନିୟମିତତା ରୋକିବାକୁ ଗ୍ରାହକଙ୍କ ନିମନ୍ତେ ବାୟୋମେଟ୍ରିକ(ଆଙ୍ଗୁଠି ଚିହ୍ନ ଓ ଆଇରିଶ ସ୍କାନ) ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏଜେନ୍ସିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି(ପାଇପ୍ଡ ନେଚୁରାଲ ଗ୍ୟାସ୍) ସଂଯୋଗ ପାଇବେ, ସେମାନଙ୍କୁ ଏଲ୍‌ପିଜି ସଂଯୋଗୀକରଣରୁ ବାଦ୍ କରିବାକୁ କଡାକଡି ଭାବେ ନିର୍ଦ୍ଦେଶ ଦିଆଯାଇଛି। ପିଏନ୍‌ଜି ଗ୍ୟାସ୍ ଯୋଗାଣ ନିମନ୍ତେ ପାଇପ୍ ଲାଇନ ସଂଯୋଗ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ଏବଂ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏହି ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ ମହାପାତ୍ର ପିଏନଜି ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ସହରାଞ୍ଚଳରେ ଏଲ୍‌ପିଜି ଉପରେ ନିର୍ଭରଶୀଳତା କମାଇବା ପାଇଁ ସମସ୍ତ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ତୁରନ୍ତ ପିଏନଜି ସଂଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତୁରନ୍ତ ଅନୁମତି ପ୍ରଦାନ କରିବ। ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ସହରରେ ପିଏନଜି ସଂଯୋଗ ପ୍ରାଧାନ୍ୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ଏଜେନ୍ସିଗୁଡ଼ିକୁ ଡିଏସି(ଡେଲିଭରି ଅଥେଣ୍ଟିକେସନ କୋଡ) ବ୍ୟବସ୍ଥାକୁ ଶତପ୍ରତିଶତ କଡ଼ାକଡ଼ି କରିବା ଏବଂ ବାୟୋମେଟ୍ରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।





**ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)

15001/2/2627



**ଗୁଡ୍ ଫ୍ରାଇଡେ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0002

# ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଋମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଋମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



····· ପରଦା ଖବର ·····

# 'ରାମାୟଣ' ଟିଜର ରିଲିଜ, ରାମ ଲୁକରେ ନଜର ଆସିଲେ ରଣବୀର



ଭାରତୀୟ ଫିଲ୍ମ ଇତିହାସରେ ଏବେ ଏହି 'ରାମାୟଣ' ଫିଲ୍ମକୁ ସବୁଠାରୁ ଭବ୍ୟ ଫିଲ୍ମ ବୋଲି ମନାଯାଉଛି । 'ରାମାୟଣ' ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢିବାକୁ ଲାଗିଛି । ନିତେଶ ତିୱାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ରାମାୟଣ' ଫିଲ୍ମ 'ଲର୍ଡ୍ ଅଫ୍ ଦ ରିଙ୍ଗ୍ସ' ଏବଂ 'ଅବତାର' ଭଳି ଦମଦାର ଫିଲ୍ମଗୁଡିକ ସହିତ କଡ଼ା ଟକ୍କର ଦେବାରେ ଲାଗିଛି । ନମିତ ମଲହୋତ୍ରାଙ୍କ ମହତ୍ୱାକାଂକ୍ଷୀ ଭିଜନ ସହିତ ଏହି ମହାକାବ୍ୟକୁ ୨ଟି ଭାଗରେ ରିଲିଜ୍ କରାଯିବ । ଯାହାର ବଜେଟ୍ ୪୦୦ କୋଟି ହେବ । ଆଜି ଫିଲ୍ମରେ ଅଭିନୀତ କରିଥିବା ଭଗବାନ ରାମଙ୍କ ପ୍ରଥମ ଝଲକ ଦେଖିବାକୁ ମିଳିଛି । ସାମ୍ନାକୁ ଆସିଥିବା ଟିଜରରେ ଗ୍ରେଡ୍ ଫିଲ୍ମରେ ଛୋଟ ଝଲକ ମଧ୍ୟ ଦେଖିବାକୁ ମିଳିଛି । ଯାହାକୁ ଦେଖିବା ପରେ ଫ୍ୟାନ୍ସଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି । ସାମ୍ନାକୁ ଆସିଥିବା ରାମଙ୍କ ପ୍ରଥମ ଝଲକରେ ରଣବୀର କପୁରଙ୍କୁ ଦେଖିବାକୁ ମିଳିଛି । ରାମଙ୍କ ଚରିତ୍ରରେ ରଣବୀର ଭାବପୂର୍ଣ୍ଣ ଥିବା ନଜର ଆସିଛନ୍ତି । ଏହି ଝଲକରେ ତାଙ୍କର ରାଜ୍ୟାଭିଷେକ, ନିର୍ବାସନ,ଜଙ୍ଗଲରେ ତାଙ୍କର ସଂଘର୍ଷ, ସୀତା ହରଣ ଏବଂ ରାବଣର ଏକ ଝଲକ ଦେଖିବାକୁ ମିଳିଛି। ରଣବୀରଙ୍କ ଲୁକ୍ ଏଥିରେ ସମ୍ପୂର୍ଣ୍ଣ ନଜର ଆସିଥିବାବେଳେ ସାଇ ପଲ୍ଲବୀ ଏବଂ ଯଶଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି । ଯାହା ପ୍ରଶଂସକଙ୍କ ଆଗ୍ରହ ବଢାଇଦେଇଛି।ଏହାରି ମଧ୍ୟରେ ପ୍ରଡ୍ୟୁସର ଝଲକ ସେୟାର କରିବା ସହିତ କ୍ୟାପସନରେ ଲେଖିଛନ୍ତି ଯେ, ରାମ ଜଣେ ମହାନପୁରୁଷ ।

# ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା



ସନାତନ ଧର୍ମ ପରମ୍ପରାରେ ଭଗବାନ ବିଷ୍ଣୁଙ୍କ ସତ୍ୟ ସ୍ୱରୂପକୁ ପୂଜା କରିବାର ବିଧି ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପାଳିତ ହୋଇଥାଏ । ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କ ପୂଜା କରାଯାଇଥାଏ । ସେତେବେ ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପ୍ରଭୁ ସତ୍ୟନାରାୟଣଙ୍କୁ ପୂଜା କରାଯାଇଥାଏ । ସ୍କନ୍ଧ ପୁରାଣରେ ସତ୍ୟନାରାୟଣ ବ୍ରତ କଥା ବର୍ଣ୍ଣିତ । ମୂଳତଃ ଏହି କଥା ୧୭୦ଟି ଶ୍ଳୋକ ମାଧ୍ୟମରେ ବର୍ଣ୍ଣିତ । ଏହାର ଦୁଇଟି ପ୍ରମୁଖ ବିଷୟ ରହିଛି । ସତ୍ୟ ପାଳନ ସମୟରେ ଅନେକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପାଳନ ନିମନ୍ତେ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି । କିନ୍ତୁ ସତ୍ୟ ପାଳନ ସମୟରେ କର୍ତ୍ତବ୍ୟରୁ ବିଚ୍ୟୁତ ହେଲେ ଭଗବାନଙ୍କ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପ୍ରତିଷ୍ଠା ନିମନ୍ତେ ପୁରାଣରେ ସତ୍ୟନାରାୟଣ ବ୍ରତକୁ ସର୍ବଶ୍ରେଷ୍ଠ ବ୍ରତ ଭାବେ ବର୍ଣ୍ଣନା କରାଯାଇଛି । ପୂର୍ଣ୍ଣିମା ଏବଂ ବିଶେଷ ଶୁଭ ମୁହୂର୍ତ୍ତରେ ଭଗବାନ ସତ୍ୟନାରାୟଣଙ୍କ କଥା ଶ୍ରବଣ କରି ମନୁଷ୍ୟ ମାନସିକ ଏବଂ ଶାରୀରିକ ଭାବେ ପବିତ୍ର ହୋଇପାରିବ ।

# କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର୍

ନୟାଗଡ ଜିଲ୍ଲା କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ବାବା ସିଦ୍ଧେଶ୍ୱର ପୂଜା ପାଉଛନ୍ତି । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟଣ ଗତି କଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ। ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ। ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।ନୟାଗଡ ଜ୍ଲିଲ୍ଲା କଣ୍ଟିଲୋରେ ବିଦ୍ୟମାନ ଶ୍ରୀ ନୀଳମାଧଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ନାମରେ ନାମିତ କରାଯାଇଛି । ବ୍ରହ୍ମାଦି ପାହାଡ଼ ଉପରେ ପ୍ରଭୁ ନୀଳମାଧ ପୂଜା ପାଉଥିବା ବେଳେ ପାହାଡ଼ ତଳେ ପାର୍ଶ୍ୱଦେବତା ରୂପେ ବାବା ସିଦ୍ଧେଶ୍ୱର ବିଦ୍ୟମାନ । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟନ



ଗତିକଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ । ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ । ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।କିମ୍ବଦନ୍ତୀ କହେ କଣ୍ଟିଲୋ ଅଂଚଳ କଣ୍ଟେଇକୋଳି ଜଙ୍ଗଲରେ ଭର୍ତ୍ତି ହୋଇଥିଲା। ବେଦପତି ବ୍ରହ୍ମା ବ୍ରହ୍ମାଦି ପାହାଡ଼ର ବ୍ୟାଘ୍ର ଗୁମ୍ଫାରେ ସ୍ୱୟଂ ବିଷ୍ଣୁଙ୍କୁ ପୂଜା ଆରାଧନା କରୁଥିଲେ । ଶିବ -ପାର୍ବତୀ ନାରାୟଣଙ୍କୁ ପରୀକ୍ଷା କରିବା ପାଇଁ ଚିନ୍ତାକଲେ। କଣ୍ଟିଲୋର କିଛି ଦୂରରେ ଥିବା ପାଟଣା ଗାଁର ଦକ୍ଷିଣଚଣ୍ଡୀଙ୍କ ନିକଟରେ ଶିବ ପାର୍ବତୀଙ୍କୁ ଛାଡି ବ୍ରହ୍ମାଦି ପାହାଡ଼କୁ ରୂପ ପରିବର୍ତ୍ତନ କରି ଆସିଲେ। ନୀଳମାଧଙ୍କୁ ଦର୍ଶନ କଲାବେଳେ ପ୍ରଭୁ ଶିବଙ୍କୁ ଚିହ୍ନି ପାରିଥିଲେ। ସେଠାରେ ଶିବଙ୍କୁ ରହିଯିବା ପାଇଁ ନୀଳମାଧବ କହିଥିଲେ। ସେହି ଦିନଠାରୁ ବ୍ରହ୍ମାଦି ପାହାଡ଼ରେ ଭଗବାନ ଶିବ ସୁବର୍ଣ୍ଣେଶ୍ୱର ନାମରେ ପୂଜା ପାଉଥିଲେ। ମହାଦେବ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବାରୁ ସିଦ୍ଧେଶ୍ୱର ମହାଦେବ ନାମରେ ନାମିତ ହେଲେ।ବ୍ରହ୍ମାଦି ପାହାଡ଼ ନିକଟସ୍ଥ ମହାନଦୀର ଅପର ପାର୍ଶ୍ୱରୁ ଏକ କାଳିଗାଈ ବ୍ରହ୍ମାଦି ପାହାଡ଼କୁ ଆସେ। କାଳିଗାଈ ଗଉଡ଼ ଘରେ କ୍ଷୀର ଦିଏ ନାହିଁ। ଗଉଡ଼ ସନ୍ଦେହ କରି ଦିନେ ଗାଈ ପିଛା କରିଥିଲା। ମହାନଦୀରେ ବଢ଼ି ପାଣି ଆସିଥାଏ। ଗାଈର ଲାଞ୍ଜ ଧରି ଗଉଡ଼ ନଦୀପାର ହୋଇଥିଲା। ଗାଈ ଆସି ସିଦ୍ଧେଶ୍ୱରଙ୍କ ଲିଙ୍ଗରେ ଠିଆହୋଇ କ୍ଷୀର ଦେଇଥିଲା। ଗଉଡ଼ ଦେଖି ଗାଈକୁ ବାଉଁଶଠେଙ୍ଗାରେ ମାଡ଼ ମାରିଥିଲା। ଗାଈ ଦୌଡ଼ି ପଳାଇବା ବେଳେ ଶିବଲିଙ୍ଗ ଉପରେ ଖୁରାପଡିଗଲା। ସେହି ଦିନଠାରୁ ଶିବଲିଙ୍ଗ ଉପରେ ଖୁରାଚିହ୍ନ ରହିଛି। ତେବେ ଏଠାରେ କିଏ ମନ୍ଦିର ନିର୍ମାଣ କରିଥିଲେ ଇତିହାସ ନିରବ।

# ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ



ବାସ୍ତୁର ଏହି ନିୟମ କୃଷ୍ଣଙ୍କ ବାଲ୍ୟକାଳ ଅନେକ ଲୀଳା ବିଷୟରେ ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଯାହାକୁ ପଢ଼ି କିମ୍ବା ଶୁଣି କେହି ବି ଭାବବିଭୋର ହୋଇଯିବେ। ଏହା ତାଙ୍କର ଯାଦୁ ହିଁ ଥିଲା। ତାଙ୍କର ଦୁଷ୍ଟାମୀକୁ ଦେଖିବା ଏବଂ ପୁଣି ତାଙ୍କୁ କ୍ଷମା କରିବାକୁ ଲୋକ ବ୍ୟାକୁଳ ରହୁଥିଲେ। ଯଦି ଆପଣ କୃଷ୍ଣଙ୍କ ବାଲ୍ୟଭୂମି ଗୋକୁଳ ନଗରୀ ବିଷୟରେ ଜାଣିବାକୁ ଚାହାନ୍ତି, ତେବେ ଆପଣଙ୍କୁ ନିଜ ଭିତରେ ଏକ ସ୍ୱତନ୍ତ୍ର ସ୍ଥିତି ସୃଷ୍ଟି କରିବାକୁ ହେବ। ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ- ତାଙ୍କର ମନମୋହକ ଚେହେରା, ଅନୁପମ ହସ, ବଂଶୀ ଓ ତାଙ୍କ ନୃତ୍ୟ ଏପରି ଥିଲା ଲୋକମାନେ ଆନନ୍ଦରେ ବୁଡିଯାଉଥିଲେ। ଏହା ଏପରି ଆନନ୍ଦ ଥିଲା, ଯାହାକୁ ସେମାନେ ପୂର୍ବରୁ କେବେ ଜାଣିନଥିଲେ। ସେ ସମ୍ପର୍କକୁ ଏତେ ନିବିଡ କରିଦେଉଥିଲେ ଯେ, ଲୋକ ତାଙ୍କପାଇଁ ପାଗଳ ହେଇଯାଉଥିଲେ। କୃଷ୍ଣଙ୍କ ବାଲ୍ୟକାଳ ଅନେକ କିଛି କୁହାଯାଇଛି ଏବଂ ଲେଖାଯାଇଛି। ତାଙ୍କ ଉପରେ ଅସଂଖ୍ୟ ଗୀତ ମଧ୍ୟ ଲେଖାଯାଇଛି। ଏହି କଥା ପାଖାପାଖି ୩୫୦୦ ବର୍ଷ ପୁରୁଣା, ଯାହା ଏପରି ଲାଗୁଛି ଯେମିତି ଏହା କାଲିର ଘଟଣା। ଗାଈ ଚରାଇବା ଏବଂ ଉପରେ ଶିକା ମାଠିଆ ତାଙ୍କ ବାଲ୍ୟକାଳ ସହ ଯୋଡ଼ିହୋଇରହିଛି। ଏହା ସବୁ ଗ୍ରାମୀଣ ସଂସ୍କୃତିରେ ମହତ୍ୱପୂର୍ଣ୍ଣ ଅଂଶ ରହିଛି। ଆଜି ମଧ୍ୟ ଭାରତର ଗ୍ରାମୀଣ ଗାଁଗୁଡ଼ିକରେ ଦହି ଓ ଲହୁଣି ଉଚ୍ଚ ଶିକାରେ ମାଠିଆରେ ରଖାଯାଇଥାଏ। ଯାହାକି ପଶୁ ଓ ପିଲାଙ୍କ ଠାରୁ ଦୂରେଇ ରଖାଯାଇଥାଏ। କିନ୍ତୁ କୃଷ୍ଣ ବଡ଼ ଖୁସିରେ କହୁଥିଲେ ମୁଁ ଲବଣି ଚୋରି କରିଛି। ଯଦି ମୁଁ ଲବଣୀ ଚୋରି ନ କରିବି, ତେବେ ଗାଁ ଲୋକଙ୍କୁ ଆନନ୍ଦ ଆସିବ ନାହିଁ। କୃଷ୍ଣ ଏବଂ ତାଙ୍କ ମିତ୍ର ଲୋକଙ୍କ ଛପର ଖୋଲି ଘରେ ପଶିଯାଉଥିଲେ। ମାଠିଆ ଉଚ୍ଚରେ ଟଙ୍ଗା ଯାଇଥିବା କାରଣରୁ ଜଣେ ଆରଜଣଙ୍କ କାନ୍ଧରେ ଚଢ଼ି ଲବଣି ଚୋରି କରୁଥିଲେ। ଯଦି ମାଠିଆ ବହୁ ଉଚ୍ଚରେ ରହୁଥିଲ. ତେବେ ସେମାନେ ପଥର ମାରି କଣା କରିଦେଉଥିଲେ। ଏହାଦ୍ୱାରା ଦହି କିମ୍ବା ଲବଣି ବୋହୁଥିଲା ଏବଂ ସେମାନେ ତଳେ ପାଟିଖୋଲି ଠିଆହେଇଯାଉଥିଲେ। ବେଳେବେଳେ ମାଠିଆ ପୂରା ଭାଙ୍ଗିଯାଉଥିଲା ଏବଂ ଭୂମିରୁ ଉଠାଇ ସେମାନେ ଖାଇବା ଆରମ୍ଭ କରିଦେଉଥିଲେ। ସେମାନେ ଏହି ଦହି ଓ ଲବଣିକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ନେଉଥିଲେ। ଏହି କଥାକୁ ନେଇ କିଛି ମହିଳା ଅସନ୍ତୁଷ୍ଟ ଥିଲେ ତ ଆଉ କିଛି କ୍ରୋଧିତ ହୋଇଯାଉଥିଲେ। କାରଣ ଲବଣି ତାଙ୍କର ଜୀବିକା ଥିଲା। ସେମାନେ ଲଗାତାର କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରୁଥିଲେ। କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରିବା ପାଇଁ ପହଞ୍ଚିବା ସମୟରେ ସେ ନିଜ ମାତାଙ୍କ ପଛରେ ଲୁଚିଯାଉଥିଲେ। ଗୋପୀମାନଙ୍କୁ ନିରୀହ ନଜରରେ ଚାହୁଁଥିଲେ। ଯାହାଫଳରେ ସମସ୍ତ ଗୋପୀ ହସିଦେଉଥିଲେ।

# ଦଶ ଦିଗପାଳ

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ମୋଟ୍ ଦଶଟି ଦିଗ ରହିଛି । ସେଗୁଡ଼ିକ ହେଲେ- ଊର୍ଦ୍ଧ୍ୱ, ଈଶାନ, ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈଋତ୍ୱ, ପଶ୍ଚିମ, ବାୟବ୍ୟ, ଉତ୍ତର ଏବଂ ଅଧୋ । ଆଉ ଏକ 'ମଧ୍ୟ' ଦିଗ ସମ୍ବନ୍ଧରେ ମଧ୍ୟ କେତେକ ପୁରାଣରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ର କୁହେ, ପ୍ରତ୍ୟେକ ଦିଗରେ ଜଣେ ଲେଖାଏଁ ଦେବତାଙ୍କୁ ନିଯୁକ୍ତ କରାଯାଇଛି । ଏହି ଦେବତାଙ୍କୁ 'ଦିଗପାଳ' କୁହାଯାଏ । ଯାହାର ଅର୍ଥ ଦିଗପାଳ । ଏମାନେ ଦିଗର ରକ୍ଷା କରିଥାନ୍ତି ।

ଦଶ ଦିଗରେ ଦଶ ଦିଗପାଳ ହେଲେ- ଊର୍ଦ୍ଧ୍ୱ ଦିଗରେ ବ୍ରହ୍ମା, ଈଶାନ୍ ଦିଗରେ ଶିବ ବା ଈଶ, ପୂର୍ବ ଦିଗରେ ଇନ୍ଦ୍ର, ଆଗ୍ନେୟ ଦିଗରେ ଅଗ୍ନି କିମ୍ବା ବ୍ରାହ୍ନି, ଦକ୍ଷିଣ ଦିଗରେ ଯମ, ନୈଋତ୍ୱ ଦିଗରେ ନଋତି, ପଶ୍ଚିମ ଦିଗରେ ବରୁଣ, ବାୟବ୍ୟ ଦିଗରେ ବାୟୁ ବା ମାରୁତ, ଉତ୍ତର ଦିଗରେ କୁବେର ଏବଂ ଅଧୋ ବା ନିମ୍ନ ଦିଗରେ ଅନନ୍ତ ଦିଗପାଳ ରୂପରେ ବିରାଜମାନ କରିଛନ୍ତି ।

ବରାହ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦିଗପାଳଙ୍କ ଉତ୍ପତ୍ତି କଥା ଏହି ପ୍ରକାରେ- ଥରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ରଚନା ନିମନ୍ତେ ଚିନ୍ତାମଗ୍ନ ଥିଲେ । ଏହି ସମୟରେ ତାଙ୍କ କାନରୁ ୧୦ କନ୍ୟା ଉତ୍ପନ୍ନ ହେଲେ । ଏମାନଙ୍କ ମଧ୍ୟରୁ ମୁଖ୍ୟ ୬ଜଣ ଏବଂ ୪ ଜଣ ଗୌଣ ଥିଲେ । ଏହି ଦଶ କନ୍ୟା ହେଲେ ପୂର୍ବା (ଯେକି' ପୂର୍ବ ଦିଗ ନାମରେ ପରିଚିତ ହେଲେ), ଆଗ୍ନେୟୀ(ଯେକି' ଆଗ୍ନେୟ ଦିଗ ରୂପେ ପରିଚିତ ହେଲେ), ଦକ୍ଷିଣା (ଯେକି' ଦକ୍ଷିଣ ଦିଗ ବୋଲାଇଲେ), ନୈଋତୀ (ଯେକି' ନୈଋତ ଦିଗ ବୋଲାଇଲେ), ପଶ୍ଚିମା (ପଶ୍ଚିମ ଦିଗ ନାମରେ ପରିଚିତ ହେଲେ), ବାୟବୀ (ବାୟବ୍ୟ ଦିଗ ହେଲେ), ଉତ୍ତର (ଉତ୍ତର ଦିଗ ହେଲେ), ଐଶାନୀ (ଈଶାନ ଦିଗ ନାମରେ ପରିଚିତ ହେଲେ), ଊର୍ଦ୍ଧ୍ୱା (ଊର୍ଦ୍ଧ ଦିଗ ନାମରେ ପରିଚିତ ହେଲେ), ଅଦ୍ଧସ୍(ଅଧୋ ବା ନିମ୍ନ ଦିଗ ନାମରେ ପରିଚିତ ହେଲେ) ।

ଏହି କନ୍ୟାମାନେ ବ୍ରହ୍ମାଙ୍କୁ ପ୍ରଣାମ କରି ତାଙ୍କୁ ରହିବା ଲାଗି ଉପଯୁକ୍ତ ସ୍ଥାନ ଏବଂ ଉପଯୁକ୍ତ ପତି ଦେବା ଲାଗି ଅନୁରୋଧ କଲେ । ଏହାଶୁଣି ବ୍ରହ୍ମା କହିଲେ, ତୁମେମାନେ ଯେଉଁ ଦିଗକୁ ଯିବାକୁ ଚାହୁଁଛ ଯାଅ । ମୁଁ ତୁମକୁ ସେହି ଅନୁରୂପ ପତି ଦେବି । ଏହାପରେ ସେହି କନ୍ୟାମାନେ ଭିନ୍ନ ଭିନ୍ନ ଦିଗକୁ ଗତି କଲେ । ସେହି ଅନୁଯାୟୀ, ବ୍ରହ୍ମା ୮ ଦିଗପାଳମାନଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ଗୋଟିଏ ଗୋଟିଏ କନ୍ୟା ପ୍ରଦାନ କଲେ । ଏହାପରେ ଦିଗପାଳମାନେ ନିଜ ନିଜ ଦିଗକୁ ଚାଲିଗଲେ ।

ଲୋକପାଳ ଏବଂ ଦିଗପାଳ

ପୂର୍ବରେ ଇନ୍ଦ୍ର

ଦକ୍ଷିଣ-ପୂର୍ବ(ଆଗ୍ନେୟ)ରେ ଅଗ୍ନି

ଦକ୍ଷିଣରେ ଯମ

ଦକ୍ଷିଣ ପଶ୍ଚିମ(ନୈଋତ୍ୱ)ରେ ସୂର୍ଯ୍ୟ

ପଶ୍ଚିମରେ ବରୁଣ

ପଶ୍ଚିମୋତ୍ତର (ବାୟବ୍ୟ)ରେ ବାୟୁ

ଉତ୍ତରରେ କୁବେର

ଉତ୍ତର-ପୂର୍ବ(ଈଶାନ୍)ରେ ସୋମ ବା ଈଶ ରହିଲେ ।

ଊର୍ଦ୍ଧ୍ୱ ଦିଗରେ ସ୍ୱୟଂ ବ୍ରହ୍ମା ରହିଲେ ଏବଂ ଅଧୋ ଦିଗ ଶେଷନାଗଙ୍କୁ ପ୍ରଦାନ କଲେ ।

ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରରେ ଦିଗପାଳଙ୍କ ବିଶେଷ ମହତ୍ୱ ରହିଛି । ଦିଗ ଅନୁଯାୟୀ, ଦିଗପାଳଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମନୁଷ୍ୟର କଲ୍ୟାଣ ହୋଇଥାଏ । ଦିଗପାଳଙ୍କୁ ସାକ୍ଷୀ ରଖି କେତେକ ଧାର୍ମିକ ପରମ୍ପରା ସମ୍ପନ୍ନ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥାଏ ।

# ଆଠମଲ୍ଲିକର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

**ଭୁବନେଶ୍ୱର, ୨।୪ (ମହାଭାରତ):** ୧୯୩୬ ଏପ୍ରିଲ ୧ରେ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ୨୦୩୬ରେ ଆମେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବା । ଏହି ସମୟ ମଧ୍ୟରେ 'ବିକଶିତ ଭାରତ' ଓ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ଆମ ଓଡ଼ିଆ ପିଲାମାନେ ସୁସ୍ଥ ରହିବା ସହ ଉତ୍ତମ ଶିକ୍ଷା ପାଇବେ । ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି 'ଉତ୍କଳ ଦିବସ'ର ଗୋଟିଏ ଦିନର ଅବ୍ୟବହିତ ପୂର୍ବରୁ ଆଠମଲ୍ଲିକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ମଙ୍ଗଳବାର ଆଠମଲ୍ଲିକର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାୟ ୨୦୪ କୋଟି ୩୨ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ଜନହିତକର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅଞ୍ଚଳର ପ୍ରଗତି ପଥକୁ ପ୍ରଶସ୍ତ କରିବ । ସେ ଆହୁରି କହିଛନ୍ତି, ଆଠମଲ୍ଲିକ ହେଉଛି ଅପାର ସମ୍ଭାବନାର ଅଞ୍ଚଳ । ଡବଲ ଇଞ୍ଜିନ ସରକାର ଏଠାକାର ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ସହାୟତା ପାଇଁ ଆବାସ ଯୋଜନାରେ ଶହ ଶହ ନୂଆ ପକ୍କାଘର ନିର୍ମାଣର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଜିଲ୍ଲାପାଳଙ୍କୁ ଏକ ଆଧୁନିକ ହାଉସିଂ ପ୍ରୋଜେକ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ଅଂଚଳର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଉପକୃତ ହୋଇପାରିବେ । ସେହିପରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରି ଆମ ସରକାର 'ଅନ୍ତ୍ୟୋଦୟ' ଲକ୍ଷ୍ୟ ପୂରଣ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଆଠମଲ୍ଲିକ ଏକ କୃଷି ପ୍ରଧାନ ଅଂଚଳ ହୋଇଥିବାରୁ ଏଠାରେ ଚିନାବାଦାମ, ଡାଲି ଜାତୀୟ ଶସ୍ୟ, ପନିପରିବା ସହିତ ଆମ୍ବ, ପଣସ, ଲିଚୁ ଓ ଲେମ୍ବୁ ଭଳି ଫଳ ବହୁ ପରିମାଣରେ ଉତ୍ପାଦିତ ହେଉଛି । ଏହି କୃଷିଜାତ ଦ୍ରବ୍ୟଗୁଡ଼ିକର ସଠିକ୍ ବିକ୍ରୟ ପାଇଁ ଏକ ବ୍ୟବସାୟିକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଏବଂ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସାତକୋଶିଆର ବିକାଶ ପାଇଁ ଭାରତ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳରେ ରହୁଥିବା ଲୋକମାନଙ୍କର ସମସ୍ୟା ଓ ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଆସନ୍ତା ଏପ୍ରିଲ ମାସରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ, ଯେଉଁଠାରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣାଯିବା ସହ ସମାଧାନର ବାଟ ବାହାର କରାଯାଇ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ।



ଏହି ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସୁବିଧା ସହ କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ 'ସୁଭଦ୍ରା' ଯୋଜନା ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ଲୋକମାନଙ୍କର ବିଭିନ୍ନ ସମସ୍ୟା ଓ ଦାବିପତ୍ର ଗୁଡ଼ିକୁ ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ସବ-କଲେକ୍ଟରଙ୍କ ଜରିଆରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି । ଆଗାମୀ ଦିନରେ ଏହି ଅଞ୍ଚଳର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯିବ, ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ ଏବଂ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ସମୁଦାୟ ୨୦୪.୩୨ କୋଟି ଟଙ୍କାର ୯୧ଟି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏଥିମଧ୍ୟରୁ ୧୮୩.୮୫ କୋଟି ଟଙ୍କା ବ୍ୟୟରେ ୬୨ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ୨୦.୪୭ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୨୯ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି । ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଏହିସବୁ ପ୍ରକଳ୍ପ ଆଗାମୀ ଦିନରେ ଆଠମଲ୍ଲିକ ଅଞ୍ଚଳର ଭିତିଭୂମିକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ଜୀବନଧାରଣରେ ବ୍ୟାପକ ପରିବର୍ତ୍ତନ ଆଣିବ।

# ରାଜ୍ୟରେ ଭୋଟର ତାଲିକା ସଂଶୋଧନରେ ବାଦ ପଡିଲେ ୭ ଲକ୍ଷ ୬୮ ହଜାର ୫୨୧ ଭୋଟର

**ଭୁବନେଶ୍ୱର, ୨।୪ (ମହାଭାରତ):** ରାଜ୍ୟରେ ଭୋଟର ତାଲିକା ସଂଶୋଧନରେ ବାଦ ପଡିଛନ୍ତି ୭ ଲକ୍ଷ ୬୮ ହଜାର ୫୨୧ ଭୋଟର । ଭୋଟର ଜାଲିଆତିର ବଡ଼ ଖୁଲାସା କରିଛନ୍ତି ନିର୍ବାଚନ ଅଧିକାରୀ । ଏକାଧିକ ସ୍ଥାନରେ ଭୋଟ ପରିଚୟ ପତ୍ର ରଖିଥିଲେ ଏକ ଲକ୍ଷ ୫୫ ହଜାର ୩୧୮ ବ୍ୟକ୍ତି । ସଂଶୋଧନ ପ୍ରକ୍ରିୟାରେ ବାଦ ଦିଆଯାଇ ଭୋଟର ଲିଷ୍ଟକୁ କରାଯାଇଛି ସ୍ୱଚ୍ଛ କରାଯାଇଛି । ଗତବର୍ଷ ୬ ତାରିଖରୁ ଚଳିତ ବର୍ଷ ମାର୍ଚ୍ଚ ୨୨ ତାରିଖ ମଧ୍ୟରେ ରାଜ୍ୟରେ ମୃତ୍ୟୁଜନିତ କାରଣରୁ ୨ ଲକ୍ଷ ୩ ହଜାର ୩୯୬ ଭୋଟର, ସ୍ଥାନାନ୍ତର ଯୋଗୁଁ ୪ ଲକ୍ଷ ୦୮ ହଜାର ୧୩୨ ଭୋଟର ଏବଂ ଅନ୍ୟାନ୍ୟ କାରଣ ପାଇଁ ୨ ହଜାର ୬୪୬ ଭୋଟର ବାଦ ପଡିଛନ୍ତି । ଏହି ସମୟ ମଧ୍ୟରେ ନୂତନ ଭାବେ ଭୋଟର ତାଲିକାରେ ସଂଯୋଗ କରିବା ପାଇଁ ମୋଟ ୫,୬୭,୦୩୪ ଜଣ ଆବେଦନ କରିଛନ୍ତି । ସର୍ବାଧିକ ବାଦ ପଡିଥିବା ଜିଲ୍ଲା ହେଉଛି ସୁନ୍ଦରଗଡ଼ । ସୁନ୍ଦରରଗଡ଼ ଜିଲ୍ଲାରେ ୧ ଲକ୍ଷ ୪୪ହଜାର ୭୨୬, କଟକରେ ୭୪ ହଜାର ୮୮୧, ଗଞ୍ଜାମ ଜିଲ୍ଲାରେ ୪୭ ହଜାର ୯୮୯, ଅନୁଗୁଳରେ ୩୭ ହଜାର ୯୨୭, ପୁରୀ ଜିଲ୍ଲାରେ ୩୬ ହଜାର ୬୭୯ ଜଣ ବାଦ ପଡ଼ିଛନ୍ତି ।ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

# ଭୁବନେଶ୍ୱରରେ 'ବ୍ୟାମ୍ବୁ ଫରୱାର୍ଡ ସମିଟ୍'

**ଭୁବନେଶ୍ୱର, ୨।୪ (ମହାଭାରତ):** ଭୁବନେଶ୍ୱରସ୍ଥିତ ହୋଟେଲ ଲାଇଫ୍ ଠାରେ ଆଜି 'ବ୍ୟାମ୍ବୁ ଫରୱାର୍ଡ ସମିଟ୍ — ଫ୍ରମ୍ ଗ୍ରାଉଣ୍ଡ ଟୁ ଗ୍ରୋଥ୍' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଚାଷୀ, କାରିଗର, ଉଦ୍ୟୋଗୀ, ଶିଳ୍ପ ପ୍ରତିନିଧି ଏବଂ ନୀତି ନିର୍ଦ୍ଧାରକମାନେ ଏକତ୍ରିତ ହୋଇଥିଲେ। ଓଡ଼ିଶାରେ ବାଉଁଶ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ରାଜ୍ୟର ପ୍ରାକୃତିକ ସମ୍ପଦକୁ ଏକ ସୁଦୃଢ଼ ଉଦ୍ୟୋଗ-ଭିତ୍ତିକ ପରିବେଶରେ ପରିଣତ କରିବା ପାଇଁ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ସାଜିଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜର ଅଭିଭାଷଣରେ ଶ୍ରୀ ଶର୍ମା କହିଥିଲେ ଯେ, ବାଉଁଶ ସ୍ଥାୟୀ ଜୀବିକା ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳିକା ଶକ୍ତି ହେବାର ସାମର୍ଥ୍ୟ ରଖିଛି। ଏହାର ବିକାଶ ପାଇଁ ଏକ ସମନ୍ୱିତ ଏବଂ ଶିଳ୍ପ-ଉନ୍ମୁଖୀ ଆଭିମୁଖ୍ୟ ଆବଶ୍ୟକ, ଯେଉଁଥିରେ ମୂଲ୍ୟ ବୃଦ୍ଧି ଏବଂ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ଦିନବ୍ୟାପୀ ଅନୁଷ୍ଠିତ ବୈଷୟିକ ଅଧିବେଶନଗୁଡ଼ିକରେ ବାଉଁଶର ସମ୍ଭାବନାକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଗୋଷ୍ଠୀ ଜଙ୍ଗଲ ଅଧିକାର ଅଂଚଳରେ ବାଉଁଶ ଚାଷ, କୋରାପୁଟର କ୍ଷେତ୍ରସ୍ତରୀୟ ଅଭିଜ୍ଞତା, ବାୟୋଚାର ଭଳି ଶିଳ୍ପ ପ୍ରୟୋଗ ଏବଂ ଗୁଣବତ୍ତା ନିଶ୍ଚିତ କରିବା ପାଇଁ ପ୍ରମାଣପତ୍ର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଓ.ଏଫ୍.ଏସ୍.ଡି.ପି, କ୍ୟାମ୍ପା, ଓ.ଏଫ୍.ଡି.ସି, ମିଶନ ଶକ୍ତି ଏବଂ ଅନ୍ୟାନ୍ୟ ଜୀବିକା ମିଶନ ଭଳି ପ୍ରମୁଖ ସରକାରୀ କାର୍ଯ୍ୟକ୍ରମଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ବାଉଁଶ କ୍ଷେତ୍ରର ସମନ୍ୱିତ ବିକାଶ ପାଇଁ ଏକ ବଳିଷ୍ଠ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ମୁଖ୍ୟତଃ ବଜାର ସଂଯୋଗୀକରଣ ଏବଂ ବ୍ୟବସାୟୀମାନଙ୍କ ସହ ଆଲୋଚନା ଉପରେ ଧ୍ୟାନ ଦିଆଯାଇଥିଲା। ଏହି ପର୍ଯ୍ୟାୟରେ ଏକ ଗୋଲାକାର ଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବାଉଁଶ ଭିତ୍ତିକ ଉଦ୍ୟୋଗଗୁଡ଼ିକୁ ବୃଦ୍ଧି କରିବା ପାଇଁ ବଜାରର ସ୍ଥିତି, କ୍ଲଷ୍ଟର ବିକାଶ, ଡିଜାଇନ୍-ଭିତ୍ତିକ ଉତ୍ପାଦ ଏବଂ ପୁଞ୍ଜିର ସହଜ ଉପଲବ୍ଧତା ବିଷୟରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ଡକ୍ଟର କେ. ମୁରୁଗେଶନ, ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀ ମୁଖ୍ୟ, ଶ୍ରୀ ସ୍ୱୟମ ମଲ୍ଲିକ, ଓ.ଏଫ୍.ଡି.ସି ନିର୍ଦ୍ଦେଶକ (ଓପରେସନ୍ସ), ଶ୍ରୀ କାର୍ତ୍ତିକ ଭି., ଏସ୍.ଏମ୍.ଡି, ଓଡ଼ିଶା ବାମ୍ବୁ ଡେଭଲପମେଂଟ ଏଜେନ୍ସୀ ଏବଂ ସଂଗୀତା ଅଗସ୍ତି, ଆଂଚଳିକ ନିର୍ଦ୍ଦେଶକ (ଦକ୍ଷିଣ ଏସିଆ), ଇନବାର୍ ଉପସ୍ଥିତ ରହି ବାଉଁଶ କ୍ଷେତ୍ରର ରୂପାନ୍ତରଣ ଉପରେ ମାର୍ଗଦର୍ଶନ କରିଥିଲେ।

# ଏମ୍ସ ଭୁବନେଶ୍ୱର ଏଆଇର ଉପଯୋଗ ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର, ୨।୪ (ମହାଭାରତ):** ଏମ୍ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପଯୋଗ ସମ୍ପର୍କିତ ଏକ ଆଂଚଳିକ କର୍ମଶାଳା(ସିଏମ୍‌ଇ) ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଭଳି ଚାରୋଟି ରାଜ୍ୟରୁ ତିନି ଶହରୁ ଅଧିକ ଚିକିତ୍ସକଙ୍କ ସମେତ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ଷେତ୍ରର ପ୍ରସିଦ୍ଧ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ଏମ୍ସ ପାଟ୍ନା, ଏମ୍ସ ଦେଓଘର, ଏମ୍ସ କଲ୍ୟାଣୀ ଏବଂ ଏମ୍ସ ଭୁବନେଶ୍ୱରର ପ୍ରତିନିଧିମାନେ, ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ଉଦ୍ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଅତିରିକ୍ତ ଶାସନ ସଚିବ ଶ୍ରୀ ସୁଭାଶିଷ ପଣ୍ଡା ଅଙ୍ଗ ପ୍ରତିରୋପଣରେ ଏଆଇ ର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ବିଶାଳ ଡାଟାବେସ୍‌କୁ ଏକୀକୃତ କରିବା, ବିଶେଷଜ୍ଞମାନଙ୍କୁ ନିଷ୍ପତ୍ତି ନେବାରେ ସହାୟତା ପୂର୍ବକ ଏଆଇ ଅଙ୍ଗ ପ୍ରତିରୋପଣକୁ ବ୍ୟବସ୍ଥିତ ଏବଂ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଉତ୍ପ୍ରେରକର ଭୂମିକା ନିର୍ବାହ କରିବ। ଏଆଇ ଜେନେଟିକ୍, କ୍ଲିନିକାଲ୍ ଏବଂ ପରୀକ୍ଷାଗାର ତଥ୍ୟ ବ୍ୟବହାର କରି ଦକ୍ଷ ଦାତା-ଗ୍ରହୀତା ମେଳକୁ ସହଜ କରିପାରିବ, ଅଙ୍ଗ ଉପଲବ୍ଧତାର ପ୍ରକୃତ ସମୟ ଟ୍ରାକିଂ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ, ଦ୍ରୁତ ବିତରଣ ପାଇଁ ପରିବହନ ମାର୍ଗକୁ ଅପ୍ଟିମାଇଜ୍ କରିପାରିବ, ଭବିଷ୍ୟବାଣୀ ବିଶ୍ଳେଷଣ ଏବଂ ଡ୍ୟାସ୍‌ବୋର୍ଡ ମାଧ୍ୟମରେ ନିଷ୍ପତ୍ତି ଗ୍ରହଣକୁ ଉନ୍ନତ କରିପାରିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ ।




ଭାରତ ଅଙ୍ଗ ପ୍ରତିରୋପଣରେ ବିଶ୍ୱ ସ୍ତରରେ ତୃତୀୟ ଅଗ୍ରଣୀ ଦେଶ ଭାବରେ ସ୍ଥାନ ପାଇଛି। ଗତ ବର୍ଷ ପ୍ରାୟ ୨୦ ହଜାର ପ୍ରତିରୋପଣ କରାଯାଇଥିଲା। ପ୍ରାୟ ୮୨ ପ୍ରତିଶତ ଅଙ୍ଗ ଦାନ ଜୀବିତ ଦାତାଙ୍କଠାରୁ ଆସିଥାଏ। ଏକ୍ଷେତ୍ରରେ ମହିଳାମାନେ ସବୁଠାରୁ ବଡ଼ ଦାତା ଗୋଷ୍ଠୀ। ପ୍ରତିରୋପଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଘରୋଇ କ୍ଷେତ୍ରରେ ଘଟେ, ଯାହା ସୁଲଭତାକୁ ସୀମିତ କରେ । ଜନସଚେତନତା ବୃଦ୍ଧି ଏବଂ ସରକାରୀ ପ୍ରତିଷ୍ଠାନରୁ ଅଧିକ ଅଂଶଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଶ୍ରୀ ପଣ୍ଡା।

ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଏବଂ ରାଜ୍ୟ ସରକାରମାନଙ୍କ ସହିତ ମିଳିତ ଭାବରେ ଭାରତ ସରକାରଙ୍କ ନିରନ୍ତର ପ୍ରୟାସ ସ୍ୱରୂପ ଦେଶରେ ସୁଲଭ ଚିକିତ୍ସା ଏବଂ ଚିକିତ୍ସା ସେବାର ଉପଲବ୍ଧତା ସହିତ, ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ହାସଲ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଅନୁସାରେ ମାତୃ ମୃତ୍ୟୁ ହାର (ଏମ୍‌ଏମ୍‌ଆର୍) ଏବଂ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର୍) ହ୍ରାସ କ୍ଷେତ୍ରରେ ଭାରତ ବିଶ୍ୱ ସ୍ତରରେ ଏକ ଅଗ୍ରଣୀ ଦେଶ ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ। ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ସାମଗ୍ରୀକ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱରର ପ୍ରଗତିକୁ ପ୍ରଶଂସା କରି, ଶ୍ରୀ ପଣ୍ଡା କହିଛନ୍ତି ଯେ ଓଡ଼ିଶାରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଭୁବନେଶ୍ୱରରେ ଭାରତ ସରକାରଙ୍କ ଦ୍ୱାରା ଏମ୍ସ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ସମୟରେ ଏହା ଏମ୍ସ ଦିଲ୍ଲୀ ସହିତ ଦେଶର ଏକ ପ୍ରସିଦ୍ଧ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମାନ୍ୟତା ପାଇପାରିଛି।

# ଧାନ ସଂଗ୍ରହ ଅବଧି ବଢାଇବାକୁ ବିଜେଡିର ଦାବି

**ଭୁବନେଶ୍ୱର, ୨।୪ (ମହାଭାରତ):** ରାଜ୍ୟ ସରକାରଙ୍କ ଦ୍ୱାରା ଖରିଫ ଧାନ ସଂଗ୍ରହ ପାଇଁ ୩୧ ମାର୍ଚ୍ଚ ଶେଷ ତାରିଖ ଥିବାବେଳେ, ଆଜି ସୁଦ୍ଧା ଆହୁରି ୧ ଲକ୍ଷ ୧୧ ହଜାର ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହୋଇପାରି ନାହିଁ, ଯାହା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି ବିଜୁ ଜନତା ଦଳ କହିଛି । ଏହି ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଥିବା ଅବଧିକୁ ଅତି କମ୍ ରେ ୧୫ ଦିନ ପାଇଁ ବୃଦ୍ଧି କରନ୍ତୁ ଓ ରବି ଧାନ ପାଇଁ ପଞ୍ଜିକରଣ ଅବଧିକୁ ୧ ମାସ ବୃଦ୍ଧି କରନ୍ତୁ ବୋଲି ବିଜେଡି ଦାବି କରିଛି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା କହିଥିଲେ, ରାଜ୍ୟର ଅଧିକାଂଶ ଜିଲ୍ଲାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ବେଳେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି । ଜଟିଳ ପଞ୍ଜିକରଣ ପ୍ରକ୍ରିୟା, ଟୋକନ ପ୍ରଦାନରେ ଅବ୍ୟବସ୍ଥା, ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ, କଟନୀ ଛଟନୀରେ କୁଇଣ୍ଟାଲରେ ୧୦ କେଜି ଧାନ କାଟିବା ଇତ୍ୟାଦି ଯୋଗୁଁ ରାଜ୍ୟର ଚାଷୀଭାଇ ମାନେ ଚଳିତ ବର୍ଷ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସରକାରଙ୍କ

ତରଫରୁ ସ୍ଥିର କରାଯାଇଥିବା ମଣ୍ଡି ସଂଖ୍ୟା ମଧ୍ୟରୁ ୩୧୮ଟି କେନ୍ଦ୍ର ଅବଧି ଶେଷ ହେବା ପର୍ଯ୍ୟନ୍ତ ଖୋଲାଯାଇ ପାରିଲା ନାହିଁ । ତେଣୁ ଯେଉଁ ଚାଷୀଭାଇ ମାନେ ଟୋକନ ପାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଧାନ ବିକ୍ରି କରିପାରି ନାହାନ୍ତି, ସେମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ଥିବା ଅବଧିକୁ ଅତି କମ୍ ରେ ଆଉ ୧୫ ଦିନ ପାଇଁ ସରକାର ବୃଦ୍ଧି କରନ୍ତୁ ବୋଲି ବିଜେଡି ଦାବି କରୁଛି । ସେହିପରି ରବି ଧାନ ସଂଗ୍ରହ ପାଇଁ ଜଟିଳ ପଞ୍ଜିକରଣ ପ୍ରକ୍ରିୟା ଯୋଗୁଁ ଅଧିକାଂଶ ଚାଷୀ ପଞ୍ଜିକରଣ କରିବାକୁ ସମର୍ଥ ହୋଇ ନାହାନ୍ତି । ତେଣୁ ପଞ୍ଜିକରଣ ଅବଧିକୁ ଆଉ ୧ ମାସ ପାଇଁ ସରକାର ବୃଦ୍ଧି କରନ୍ତୁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।



ରୋହିତ ପୂଜାରୀ କହିଥିଲେ, ରାଜ୍ୟ ବିଜେପି ସରକାର ରାଜ୍ୟର ଚାଷୀଭାଇ ମାନଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ରଚିଛନ୍ତି । ଧାନ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ଇନପୁଟ ସବ୍‌ସିଡି ଆକାରରେ ଦେବେ ବୋଲି ଭୋଟ ବେଳେ ପ୍ରତିଶ୍ରୁତି ଦେଲେ । ଚାଷୀ ଭାଇମାନଙ୍କ ସମର୍ଥନ ହାସଲ ପାଇ ସରକାରକୁ ଆସିଲେ। ସରକାରକୁ ଆସିବା ପରେ ନିଜର ଅସଲ ସ୍ୱରୂପ ଦେଖାଇଲେ। ବିନା କଟନୀ ଛଟନୀରେ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଧାନ କୁଇଣ୍ଟାଲରେ ପ୍ରାୟ ୧୦ରୁ ୧୪ କିଲୋ କଟନୀ ଛଟନୀ କରୁଛନ୍ତି । ଧାନ ସଂଗ୍ରହର ୪୮ ଘଣ୍ଟା ଭିତରେ ଧାନର ମୂଲ୍ୟ ଚାଷୀଙ୍କୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିବା ପରେ ମଧ୍ୟ ଧାନର ମୂଲ୍ୟ ମିଳୁନାହିଁ। ରାଜ୍ୟର ଚାଷୀ ଭାଇମାନେ ହନ୍ତସନ୍ତ ହେଉଛନ୍ତି, କିନ୍ତୁ ସରକାର ନିଦାବିଷ୍ଟ ହୋଇ ବସି ରହିଛନ୍ତି। ବିଜେପିର ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଧାନ ଚାଷ ପାଇଁ ସରକାର ଚାଷୀ ଭାଇ ମାନଙ୍କୁ ନିରୁତ୍ସାହିତ କରୁଛନ୍ତି ।

# ପଂଚାୟତିରାଜ ବିଭାଗର ଅର୍ଥ ପରାମର୍ଶଦାତାଙ୍କ ଅବସର

**ଭୁବନେଶ୍ୱର, ୨।୪ (ମହାଭାରତ):** ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମନୁ ନାଥ ସେଠୀ ମଙ୍ଗଳବାର ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୩୫ ବର୍ଷର ନିଷ୍ଠାପର ସେବା ପରେ ସେ ଆଜି ଚାକିରୀ ନିମନ୍ତେ ଧାର୍ଯ୍ୟ ବୟସର ସୀମା ଅତିକ୍ରମ କରି ଅବସର ନେଇଛନ୍ତି । ୧୯୯୧ ମସିହାରେ ସରକାରୀ ସେବାରେ ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ଭାବରେ ଯୋଜନା ଓ ସଂଯୋଜନ ବିଭାଗରେ ଯୋଗ ଦେଇଥିବା ଶ୍ରୀ ସେଠୀ ନିଜର କର୍ମମୟ ଜୀବନ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ସେ ଅତିରିକ୍ତ ବାଣିଜ୍ୟ କର ଅଧିକାରୀ, ଜିଲ୍ଲା କୋଷାଗାର ଅଧିକାରୀ, ବାଣିଜ୍ୟ କର ବିଭାଗର ଡେପୁଟି କମିଶନର, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅର୍ଥ ନିୟନ୍ତ୍ରକ ଏବଂ ବାଣିଜ୍ୟ କର ଏବଂ ପଣ୍ୟ ଓ ସେବା କର ବିଭାଗ ବିଭାଗର ଅତିରିକ୍ତ କମିଶନର ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଶେଷରେ ସେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ଭାବେ ନିଜର ଦାୟିତ୍ୱ ତୁଲାଇଥିଲେ। ସେ ଜଣେ ମିଷ୍ଟଭାଷୀ ଓ ଉଦାର ସ୍ୱଭାବର ବ୍ୟକ୍ତିତ୍ୱ । ତାଙ୍କର ସରଳ ଓ ନିଷ୍କପଟ ବ୍ୟବହର ଦ୍ୱାରା ସେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କର ଏହି ଦୀର୍ଘ ଏବଂ ସଫଳ କାର୍ଯ୍ୟକାଳ ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଆଜିର ଏହି ଅବସର ଦିନରେ ସହକର୍ମୀ ମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ତାଙ୍କର ସୁସ୍ଥ,ନିରାମୟ ଓ ଦୀର୍ଘ ଜୀବନର କାମନା କରିଛନ୍ତି।

# ଟ୍ରାନ୍ସଜେଣ୍ଡର ବିଲ୍-୨୦୨୬କୁ ଓଡ଼ିଶାରେ ଜୋରଦାର ବିରୋଧ

**ଭୁବନେଶ୍ୱର, ୨।୪ (ମହାଭାରତ):** ଗତ ଲୋକ ସଭା ଓ ରାଜ୍ୟ ସଭାରେ ଭାରତରେ ଥିବା ଏକ କୋଟିରୁ ଅଧିକ ଟ୍ରାନ୍ସଜେଣ୍ଡରଙ୍କ ବିରୁଦ୍ଧରେ ବିଲ୍ ଆସିବାରୁ ତାହାକୁ ସାରା ଭାରତ ବର୍ଷରେ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଭିଜିଟେବୁଲ୍ ଦିବସକୁ କଳା ଦିବସ ଭାବେ ପାଳନ କରାଯିବା ସହ ଓଡ଼ିଶାରେ ନିଖିଳ ଓଡ଼ିଶା ଟ୍ରାନ୍ସଜେଣ୍ଡର ଓ ଜେଣ୍ଡର ଡ଼ିଭାଇସ୍ ଇଣ୍ଡିଭିଜୁଆଲ ଆସୋସିଏସନ ତର'ରୁ ହଜାର ହଜାର କିନ୍ନର ଟ୍ରାନ୍ସଜେଣ୍ଡର ପ୍ରୋଟେକ୍ସନ ଅ'୍ ରାଇଟ୍ସ ଆମେଣ୍ଡମେଣ୍ଟ ବିଲ-୨୦୨୬କୁ ବିରୋଧ କରି ମାଷ୍ଟର କ୍ୟାଣ୍ଟିନ୍ ଛକରୁ କଳା ଶାଢ଼ୀ ଓ ଟି ସାର୍ଟ ପରିଧାନ କରି ହାତରେ ପ୍ଲାକ୍ କାର୍ଡ଼ ଧରି ରାମ ମନ୍ଦିର ଛକରେ ପହଞ୍ଚି ସେଠାରେ ପ୍ରତିବାଦ କରିଥିଲେ ଏବଂ ନାଲଶା ଜଜ୍‌ମେଣ୍ଟ ମାମରେ କିନ୍ନର ମାନଙ୍କୁ ଅଧିକାର ପ୍ରଦାନ କରିବା ଓ ସେମାନଙ୍କୁ ସ୍ୱଇଚ୍ଛାରେ ଟ୍ରାନ୍ସଜେଣ୍ଡର ବୋଲି ପରିଚୟ ଦେବାକୁ



ସେମାନେ ଦାବି କରିଥିଲେ ଏବଂ ରାଜ୍ୟ ସଭା ଓ ଲୋକ ସଭାରେ ଆସିଥିବା ବିଲ୍ ନଂ.-୭୯କୁ ପରିବର୍ତ୍ତନ କରିବା ପାଇଁ ଦାବି କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କିନ୍ନର ସଭାପତି ମୀରା ପରିଡ଼ା କହିଲେ ଆସନ୍ତା ୬ତାରିଖ ଦିନ ପାର୍ଲିମେଣ୍ଟ ଆଗରେ ୩ଲକ୍ଷରୁ ଅଧିକ ଟ୍ରାନ୍ସଜେଣ୍ଡରମାନେ ଯୋଗଦେବେ। କାର୍ଯ୍ୟକାରୀ ସଭାପତି ସୁଇଟି ସାହୁ କହିଲେ ଓଡ଼ିଶାରୁ ପ୍ରତ୍ୟେକ ଟ୍ରେନ୍‌ରେ ୩ହଜାର ଟ୍ରାନ୍ସଜେଣ୍ଡର ଦିଲ୍ଲୀ ଧାରଣା ସ୍ଥଳରେ ପହଞ୍ଚିବେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗର ପୂର୍ବତନ ଚେୟାରମ୍ୟାନ ପ୍ରତାପ ସାହୁ କହିଲେ ଏବେ ଆସିଥିବା ବିଲ୍ କିନ୍ନରମାନଙ୍କ ବିରୁଦ୍ଧରେ ହୋଇଥିବାରୁ ସରକାରୀ ଡାକ୍ତରୀ ଦଳ ପରୀକ୍ଷା କଲେ ବହୁ ଛୋଟ ଛୁଆ ବାପା ମା' ଛେଉଣ୍ଡ ହେବା ସହ ବହୁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ବହୁ କିନ୍ନର ଲିଡ଼ର ସାଧନା ମିଶ୍ର, ମାଧୁରୀ କିନ୍ନର, ଶୋନମ୍ କିନ୍ନର, ସୋନୀ, ଟିନା, ରାଣୀ ପ୍ରମୁଖ ହଜାର ହଜାର କିନ୍ନର ଯୋଗଦେଇଥିଲେ।

# ମା ହିଙ୍ଗୁଳା ସନାତନ ସଭ୍ୟତାର ଆଧ୍ୟାତ୍ମିକ ଚେତନାର ପ୍ରତୀକ : ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨।୪ (ମହାଭାରତ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ, ଶକ୍ତିସ୍ୱରୂପିଣୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପବିତ୍ର ନବଦିନାତ୍ମକ ଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ମାଆଙ୍କ ମନ୍ଦିରରେ ଦର୍ଶନ କରିବା ସହ ଉଭା ସ୍ଥଳୀରେ ପୂଜାର୍ଚ୍ଚନା କରିଛନ୍ତି ।

ମାଆଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ କରି ଶ୍ରୀ ପ୍ରଧାନ ନିଜକୁ କୃତାର୍ଥ ମନେ କରିବା ସହ ମା' ହିଙ୍ଗୁଳାଙ୍କୁ ଆମ ସନାତନ ସଭ୍ୟତାର ଅନନ୍ୟ ସାଂସ୍କୃତିକ, ଧାର୍ମିକ ଏବଂ ଆଧ୍ୟାତ୍ମିକ ଚେତନାର ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି । ସୃଷ୍ଟିର ପ୍ରାରମ୍ଭରୁ ଅଗ୍ନିରୂପେ ଅଧିଷ୍ଠିତ ହୋଇ ମାଆ ତାଳଚେରବାସୀଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଶ୍ରୀମନ୍ଦିର ରୋଷଘରର ଠାକୁରାଣୀ ଭାବେ ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ମାଆଙ୍କ ଶ୍ରୀଚରଣରେ ଅନୁଗୋଳ ମାଟିର ଶ୍ରୀବୃଦ୍ଧି ସହ ମାଆଙ୍କ କରୁଣାରୁ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସାକାର ହେଉ ବୋଲି ପ୍ରାର୍ଥନା କରିଛନ୍ତି ।



ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କ 'ସ୍ୱଚ୍ଛତା ହିଁ ସେବା' ଆହ୍ୱାନକୁ ପାଥେୟ କରି କେନ୍ଦ୍ରମନ୍ତ୍ରୀ ମା'ଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟରେ ସାମିଲ ହୋଇଥିଲେ । ପରିବେଶକୁ ସୁନ୍ଦର ଓ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହାସହ ଶ୍ରୀ ପ୍ରଧାନ ସପରିବାର ମାଆଙ୍କ ଯାତ୍ରାରେ ଆସିଥିବା ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରିବା ସହ ଅନ୍ୟାନ୍ୟ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ମାଆଙ୍କ ଅପାର କରୁଣା ସମସ୍ତଙ୍କ ଉପରେ ସର୍ବଦା ରହିଥାଉ ଏବଂ ସମସ୍ତଙ୍କର ମଙ୍ଗଳ ହେଉ ବୋଲି ସେ କାମନା କରିଛନ୍ତି ।

# ମାଓମୁକ୍ତ ଭାରତ !

୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓବାଦୀଙ୍କ କବଳରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହି ଅବଧି ଆଜି ଶେଷ ହୋଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭାରତ ମାଓମୁକ୍ତ ହୋଇଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଦାବି କରୁଛନ୍ତି। ଏହା କେତେଦୂର ସତ୍ୟ, ତାହା ଭବିଷ୍ୟତରେ ଜଣାପଡ଼ିବ। କିନ୍ତୁ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେଶକୁ ବାମପନ୍ଥୀ ଉଗ୍ରାବରୁ ମୁକ୍ତ କରିବା ନିମନ୍ତେ ସରକାର ସଙ୍କଳ୍ପ ନେଇଥିଲେ, ଏହା ବଡ଼ କଥା। ଏଥିଲାଗି ସରକାରଙ୍କୁ ଅଭିନନ୍ଦନ। ଏହି ସଫଳତାର ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶର ବୀର ଯବାନ ଏବଂ ଆଦିବାସୀମାନଙ୍କୁ ଦେଇଛନ୍ତି। ବାସ୍ତବରେ ମାଓବାଦୀଙ୍କ ମୁକାବିଲା ନିମନ୍ତେ ସ୍ଥାନୀୟ ଅଧିବାସୀ ବିଶେଷ କରି ଆଦିବାସୀଙ୍କ ସହଯୋଗ ନିହାତି ଜରୁରୀ ଥିଲା। ସେମାନଙ୍କ ସହଯୋଗ ଏବଂ ସମର୍ଥନ ବିନା ଏହା ସମ୍ଭବ ହୋଇନଥାନ୍ତା। ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଛତିଶଗଡ଼ର ବସ୍ତର ଉପତ୍ୟା ହେଉଛି ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ମାଓବାଦୀମାନେ ଦୀର୍ଘ ବର୍ଷ ହେବ ଆତଙ୍କରାଜ ଚଳାଇଥିଲେ। ଅନେକ ନିରୀହ ବ୍ୟକ୍ତି, ସୁରକ୍ଷା କର୍ମୀ ମାଓବାଦୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ସେଠାରେ ମାଓବାଦୀମାନେ ସରକାରଙ୍କ ବିକାଶମୂଳକ କାମକୁ ବିରୋଧ କରିଆସୁଥିଲେ। ରାସ୍ତା ନିର୍ମାଣ ହୋଇପାରୁନଥିଲା। ସ୍କୁଲ କୋଲିପାରୁନଥିଲା। ଡାକ୍ତରଖାନା, ବ୍ୟାଙ୍କ, ଡାକଘର ନଥିଲା। କାରଣ ମାଓବାଦୀମାନେ ଏ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ଏବଂ ପ୍ରଶାସନର ଉପସ୍ଥିତି ଚାହୁଁନଥିଲେ। ସରଳ ଆଦିବାସୀମାନଙ୍କୁ ବିଭ୍ରାନ୍ତ କରି, ସେମାନଙ୍କୁ ଭୟଭୀତ କରି ସେମାନଙ୍କ ହାତରେ ଅସ୍ତ୍ର ଧରାଇ ଦେଉଥିଲେ। ଯେଉଁମାନେ ଏହାର ବିରୋଧ କରୁଥିଲେ ବା ହିଂସାର ପଥକୁ ଗ୍ରହଣ କରୁନଥିଲେ, ସେମାନଙ୍କୁ ଅତି ବର୍ବର ଭାବେ ଗଳା କାଟି ହତ୍ୟା କରାଯାଉଥିଲା। ଯେଉଁମାନେ ମାନବାଧିକାର ସୁରକ୍ଷା ଲାଗି ଲଢ଼େଇ କରୁଥିବା ଦାବି କରୁଛନ୍ତି, ସେମାନେ ମାଓବାଦୀଙ୍କର ଏଭଳି ଅମାନବୀୟ କାର୍ଯ୍ୟକୁ ନିରବ ସମର୍ଥନ କରୁଥିଲେ। ନିଜକୁ ବୁଦ୍ଧିଜୀବୀ ବୋଲି ଦାବି କରୁଥିବା କେତେକ ବ୍ୟକ୍ତି ମାଓବାଦୀଙ୍କ ସପକ୍ଷରେ ସ୍ୱର ଉତ୍ତୋଳନ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଥିଲେ। ପରୋକ୍ଷରେ ସେମାନେ ମାଓବାଦୀଙ୍କର ହିଂସାକୁ ସମର୍ଥନ କରୁଥିଲେ। ସେମାନଙ୍କ ମଧ୍ୟରୁ କେତେକ ଗିରଫ ହୋଇଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ସେମାନଙ୍କ ଗିରଫଦାରୀକୁ କିଛି ବିରୋଧୀ ଦଳ ନିନ୍ଦା କରୁଛନ୍ତି। ଏହାକୁ କହନ୍ତି ଦୋମୁହାଁ ନୀତି। କାଲି ଯଦି କୌଣସି ସ୍ଥାନରେ ମାଓବାଦୀମାନେ କିଛି ହିଂସାକାଣ୍ଡ କରିବେ ଏବଂ କେହି ପ୍ରାଣ ହରାଇବେ ତେବେ ବିରୋଧୀ ସରକାରଙ୍କୁ ସମାଲୋଚନା କରିବେ ଏବଂ ମାଓମୁକ୍ତ ଭାରତ କେବଳ ଏକ ସ୍ଲୋଗାନ ଥିଲା ବୋଲି କହିବେ। ବାସ୍ତବରେ ମାଓମୁକ୍ତ ଭାରତ ଶତ ପ୍ରତିଶତ ସମ୍ଭବ ନୁହେଁ। କାରଣ ସମାଜରୁ ଅପରାଧ କେବେ ସମ୍ପୂର୍ଣ୍ଣ ଲୋପ ପାଇନାହିଁ କିମ୍ବା ପାଇବ ନାହିଁ। ମାଓବାଦୀମାନେ ହେଉଛନ୍ତି ଅପରାଧୀ, ଲୁଟେରା। ଆଜି ସବୁ ଅପରାଧୀ ଜେଲ ଗଲେ କାଲି ନୂଆ ଅପରାଧୀ ଜନ୍ମ ନେଇପାରନ୍ତି। ସତୁରୀ ଦଶକରେ ପଶ୍ଚିମବଙ୍ଗର ନକ୍ସଲବାଡ଼ିରୁ ଜନ୍ମ ନେଇଥିବା ଏହି ବାମପନ୍ଥୀ ଉଗ୍ରବାଦ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପି ଯାଇଥିଲା। ଏହା କୌଣସି ଆଦର୍ଶ ଉପରେ ଆଧାରିତ ନଥିଲା। ଏହା ଥିଲା ଏକ ଅସହିଷ୍ଣୁତା। ଶୋଷଣ ଏବଂ ଅତ୍ୟାଚାର ରୋକିବାକୁ ନିରୀହ ଲୋକଙ୍କୁ ହତ୍ୟା କଦାପି ଆଦର୍ଶ ହୋଇନପାରେ। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାର ୯ଟି ଜିଲ୍ଲା ସମେତ ଦେଶର ମୋଟ ୨୦୨ଟି ଜିଲ୍ଲା ମାଓ ପ୍ରଭାବିତ ହୋଇଥିଲା। ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ୟୁପି, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟ ବାମପନ୍ଥୀ ଉଗ୍ରବାଦର ଅଧିକ ଶିକାର ହୋଇଛନ୍ତି।

# ମାନବବାଦ ଓ ବିଶ୍ୱମୈତ୍ରୀର ଠାକୁର

॥ ମୀରା ବେଉରା ॥

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ।

ସଂସ୍କୃତି ଗୋଟିଏ ଜାତିର ପରିଚୟ ଦେଇଥାଏ। ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ହେଉଛି ସଂସ୍କୃତି। ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କୁ ବାଦ ଦେଲେ କୌଣସି ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଧର୍ମବିଶ୍ୱାସ, ପ୍ରଜ୍ଞା, ଭିକ୍ଷା, ଜ୍ଞାନ, ଦୀକ୍ଷା, କୃଷି, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ପରମ୍ପରା ଆଦି ଓଡ଼ିଆ ଜାତିର କୌଣସି ପରିଚୟର କଳ୍ପନା କରାଯାଇପାରେନା। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଭାଷା, ଧନୀ, ନିର୍ଦ୍ଧନ ଏସବୁ ଚିନ୍ତନର ବହୁ ଉର୍ଦ୍ଧ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥ। ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ ମୂଲ୍ୟବୋଧ, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ବିକାଶଧାରା ହିଁ ଅଟେ ଓଡ଼ିଶାର ସଂସ୍କୃତି। ପ୍ରଭୁ ଜଗନ୍ନାଥ ସମଗ୍ର ମାନବଜାତିର ପ୍ରାଣର ଅଧିଶ୍ୱର ଠାକୁର। ସେ ମୁକ୍ତି, ସାମ୍ୟ, ମୈତ୍ରୀ ପ୍ରୀତିର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ଏହି ରଥଯାତ୍ରା ଐତିହ୍ୟରେ ଶୀର୍ଷସ୍ଥାନ ଅଧିକାର କରି ବିଶ୍ୱ ସଂସ୍କୃତିକୁ ସେ ଦିନ ସ୍ପନ୍ଦିତ କରୁଥିଲା ଆଜିବି କରୁଛି। ଆଗାମୀ ଦିନରେ ମଧ କରିବ। ଏହି ଯାତ୍ରା ବିଶ୍ୱାତ୍ମା ଚେତନା ସୃଷ୍ଟି କରେ "ବସୁଧୈବ କୁଟୁମ୍ବକମ୍"ର ଚେତନାରେ ସମଗ୍ର ମାନବ ସମାଜକୁ ଦ୍ରବୀଭୂତ କରେ ଘୋଷଯାତ୍ରା। ତାଙ୍କର ଲୀଳା ଅବର୍ଣ୍ଣନୀୟ। କୌଣସି ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଭିତରେ ସେ ସୀମିତ ନୁହେଁ। ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ, ଈଶାଇ, ବୈଷ୍ଣବ, ଶାକ୍ତ, ଯୋଗୀ ସର୍ଭିଙ୍କର ଆରାଧ ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଉଠିଯାଇ ସେ ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି, ସଂଘତି, ସଂପ୍ରତିର ପ୍ରତୀକ ସାଜି ସମଗ୍ର ବିଶ୍ୱରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଭାତୃତ୍ୱର ଭାବ ବଜାୟ ରଖିଛନ୍ତି। ଏ ଜଗନ୍ନାଥ ସଂସ୍କୃତି ସାର୍ବଜନୀନ ସଂସ୍କୃତି, ବିଶ୍ୱହିତୈଶୀ ସଂସ୍କୃତି। ସର୍ବପ୍ରାଚୀନ ସଂସ୍କୃତି ଯାହା ବିଭିନ୍ନତା ମଧ୍ୟରେ ମଧ ଏକତା ଆଣି ସମଗ୍ର ମାନବ ସମାଜର ମଙ୍ଗଳସାଧାନା କରି ସଂହତି ସ୍ଥାପନ କରିଥାଏ। ଏହି ଘୋଷଯାତ୍ରା ମାନବ ସମାଜକୁ ଶିକ୍ଷା ଦିଏ ବୁଦ୍ଧି ହେଉଛି ସାରଥି ମନ ହେଉଛି ଘୋଡ଼ା, ତେଣୁ ମଣିଷ ଯଦି ବୁଦ୍ଧିର ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସ୍ୱନିୟନ୍ତ୍ରିତ କରେ, ମାନବର ଭାବ ଦୂର ହୋଇ ଆତ୍ମବଳଶାଳୀ ହୋଇ ମାନବ ବିବେକର ଶକ୍ତିରେ ପରିଚାଳିତ ହୋଇବ ସମାଜର ତଥା ରାଷ୍ଟ୍ରର ଏବଂ ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରିବାକୁ ସମର୍ଥ ହେବ।

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ। ପ୍ରଭୁ ଜଗନ୍ନାଥ ଚାହାଁନ୍ତି ଆଜିର ମଣିଷ ତା'ର ଆତ୍ମଘାତୀ ଚିନ୍ତାଧାରାକୁ ଦୂରେଇଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶକ୍ତି, ଐଶ୍ୱରୀକତାକୁ ପ୍ରୟୋଗ କରି ନିଜ ଭିତରେ ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରୁ। ଏହି ଆତ୍ମସନ୍ଧାନ ହିଁ ତା' ଆଧ୍ୟାତ୍ମିକ ଚେତନାର ମୂଳଭିତ୍ତି। ସେ ଆକାର, ନିରାକାର, ସୁଖ, ଦୁଃଖ, ସେ ମାୟାବି, ସେ ପୁଣି ଭାବକୁ ନିକଟ ଅଭାବକୁ ଦୂର। ସେ ଅନ୍ତର୍ଯ୍ୟାମୀ, ସେ ସର୍ବବ୍ୟାପୀ, ସେ ଅବତାରୀ ପୁରୁଷ। ସେ ପୁଣି ଶବର ଦେବତା, ତାଙ୍କ ଭାବ ଗୀତା, ଭାଗବତ, ମହାଭାରତ, ସବୁର ବହୁ ଉର୍ଦ୍ଧ୍ୱରେ। ଥରେ ଯିଏ ସେ ଭାବକୁ ବୁଝିଛି ତାଙ୍କ ଚେତନାରେ ହଜିଛି, ପ୍ରେମରେ ପଡ଼ିଛି ତା'ର ଆଉ କିଛି ଐଶ୍ୱର୍ଯ୍ୟ ସୁଖ ସମ୍ପତ୍ତି ଲୋଡ଼ା ହୁଏ ନାହିଁ। ସମଗ୍ର ପୃଥିବୀରେ ଏମିତି ଠାକୁର ବିରଳ ଯାହାର ହାତ ନାହିଁ କିନ୍ତୁ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ହାତ ବଢ଼ାଇ ନିଅନ୍ତି, ଗୋଡ଼ ନାହିଁ କିନ୍ତୁ ଚାଲି ଚାଲି ଆସି ଭକ୍ତଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସନ୍ତି। ସେ ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବସନ୍ତି। ପୁଣି ପାଟି ନଥାଇ କଥା କହନ୍ତି। କାନ ନଥାଇ ଭକ୍ତର ଗୁହାରୀ ଶୁଣନ୍ତି। ଗଜ, ମୃଗଣୀ ଏବଂ ଦ୍ରୌପଦୀର ବସ୍ତ୍ରହରଣବେଳେ କୋଟି କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରନ୍ତି। ପୁଣି ନାକ ନଥାଇ ମଲ୍ଲି, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି। ଏଭଳି ଠାକୁର ଭକ୍ତ ପାଇଁ ସହଜ, ସରଳ ହୋଇଥିବାବେଳେ ବିଦ୍ୱାନ ଗୁଣୀ ପାଖରେ ଅନେକ ଜଟିଳ। ତାଙ୍କ ଚିନ୍ତାଚେତନାକୁ ଓ ତତ୍ତ୍ୱକୁ ଭକ୍ତ ଅତି ସହଜରେ ବୁଝିପାରିଥାଏ। ପ୍ରିୟ ଭକ୍ତର ଆସିବା ବିଳମ୍ବ ହେଲେ ପ୍ରଭୁ ଛଳନା କରି ରଥକୁ ଅଟକାଇ ଦିଅନ୍ତି। ସତରେ ତାଙ୍କର ମହିମା ଅବର୍ଣ୍ଣନୀୟ। ସେଇଥିପାଇଁ ତ ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କୁ ସୃଷ୍ଟିର ଅଲୌକିକ ଦେବତା ବୋଲି ଅବିହିତ କରିଛନ୍ତି।

ପାଦ ନାହିଁ ସେ ଯେ ଗଗନ କରଇ
କର୍ଣ୍ଣ ନାହିଁ ସବୁ ଶୁଣେ
ଜିହ୍ୱା ନାହିଁ ସ୍ୱାଦ ମଣେ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ, କାବ୍ୟ, କବିତା, ମଧ ଅପୂରଣୀୟ ଏବଂ ଶ୍ରୀହୀନ। ଭକ୍ତ ସାଲବେଗଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ବନମାଳୀ ଦାସ, ବୈଷ୍ଣବ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି କାଳିଚରଣ ପଟ୍ଟନାୟକଙ୍କ କବିତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ। ପୁଣି ଉତ୍କଳମଣି ଗୋପବନ୍ଧୁଙ୍କୁ ଲେଖିଲେ–

"ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ"।

ଜୈନ୍ୟ ସାହିତ୍ୟରେ ମହାବୀରଙ୍କୁ ଜଗନ୍ନାଥ। ବୌଦ୍ଧ ସାହିତ୍ୟରେ ବୁଦ୍ଧଦେବଙ୍କୁ ଜଗନ୍ନାଥ ରୂପରେ, ବିଷ୍ଣୁ ପୁରାଣରେ କୃଷ୍ଣଙ୍କୁ, ମସ୍ତ୍ୟପୁରାଣରେ କାର୍ତ୍ତିକେୟଙ୍କୁ ସାରଳା ମହାଭାରତରେ କୃଷ୍ଣଙ୍କୁ ଜଗନ୍ନାଥ ରୂପରେ ବର୍ଣ୍ଣନା କରାଯାଇଛି। ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କରି ସନ୍ତାନ। ପ୍ରଭୁ ପୁଣି ମାନବୀୟ ଲୀଳା କରନ୍ତି। ଶୀତଦିନେ ଗରମ ପୋଷାକ, ଗ୍ରୀଷ୍ମଦିନେ ଜଳକେଳି କରନ୍ତି ଏବଂ ଛାଠିଏ ପଉଟି ଖାଦ୍ୟ ରାଜକୀୟ ରୀତିରେ ସେବନ କରନ୍ତି। ଭକ୍ତି ଓ ଭାବର ରଜ୍ଜୁରେ ସେ ବନ୍ଧା। ବଡ଼ ମାନୁଆ ଠାକୁର। ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବାକୁ ପୁଣି ବାଇଗଣ କିଆରୀରେ ପଶି ଆପଣା ପାଟବସ୍ତ୍ରକୁ ଚିରି ଗୀତ ଶୁଣନ୍ତି। ଭକ୍ତ ଅଭିମାନ କଲେ ଅବା ଗାଳି କଲେ ସେ ଚନ୍ଦନ ପ୍ରାୟେ ଗାଳିକୁ ବୋଲି ପକାନ୍ତି। ତାଙ୍କ ପାଇଁ ମହଣ ମହଣ ଘିଅ, ଧୂପଦ୍ୱୀପ, ଚନ୍ଦନ, ଅଗୁର, ତୁଳସୀ, ଫୁଲ ଲୋଡ଼ା ହୁଏନି। ଲୋଡ଼ା ଖାଲି ଟିକିଏ ଛଳନାହୀନ ପ୍ରେମ। ସେ ପ୍ରେମ ଭୌତିକ ନୁହେଁ ସେ ପ୍ରେମ ଚିର ଅମଳିନ, ଚିର ଶାଶ୍ୱତ, ଚିର ଜାଗ୍ରତ। ଏମିତି ଠାକୁର ସାରାବ୍ରହ୍ମାଣ୍ଡରେ ନଥିବେ ଯିଏ ରତ୍ନ ସିଂହାସନ ଛାଡ଼ି ପାଗଳ ପରି ଧାଇଁ ଆସେ ଭକ୍ତଙ୍କୁ କୋଳେଇ ନେବା ପାଇଁ। ଭକ୍ତ ସହ ଏକାକାର ହୋଇଯିବା ପାଇଁ ଭକ୍ତ ବି ଅଧିର। ଭକ୍ତ ଅଭିମାନ କରେ ପ୍ରଭୁ ପାଖରେ, ପ୍ରଭୁ କିଛି ଦେଲନାହିଁ। ପ୍ରଭୁ କିନ୍ତୁ ଯାହା ତା' ପାଇଁ ଚିର ମଙ୍ଗଳ ତାହା ହିଁ କରନ୍ତି। ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର। ବେଳେବେଳେ ଭକ୍ତକୁ ପରୀକ୍ଷା କରନ୍ତି। ସୃଷ୍ଟିରେ ବିଚିତ୍ର ଲୀଳା କରନ୍ତି। ତାଙ୍କ ଲୀଳାକୁ ସାଧାରଣ ଭକ୍ତ ବୁଝିପାରେନି। ତାଙ୍କ ଇଚ୍ଛା ସବୁବେଳେ ମଙ୍ଗଳମୟ। ତାଙ୍କ ଲୀଳା ଜାଣିବାକୁ ହେଲେ ଧୈର୍ଯ୍ୟ ଦରକାର। ଥରେ ହାତ ଟେକି ତାଙ୍କୁ ସମର୍ପିତ ହେଲେ ସବୁ ସେ କୃପା ବର୍ଷା କରିଦିଅନ୍ତି। ଜାତିରେ ମୁସଲମାନ ଭକ୍ତ ସାଲବେଗକୁ ପ୍ରଭୁ ଆପଣେଇ ତାର କୁଷ୍ଟବ୍ୟାଧି ଭଲ କରିଦେଇଥିଲେ। ପୁଣି ଭୋକ ଉପାସରେ ସଢୁଥିବା ବନ୍ଧୁ ମହାନ୍ତିକୁ ଭୋଗଥାଳି ଟେକି ଦେଇଥିଲେ। ବିଦୁରର ସାଗ ଭଜା ପ୍ରଭୁଙ୍କୁ ଅପାର ଆନନ୍ଦ ଦେଇଥିଲା ସେ ଦିନ। କରମାବାଇର ଦାନ୍ତାକାଠିରେ ଗୋଳାଉଥିବା ଖେଚୁଡ଼ିକୁ ପ୍ରଭୁ ମହାଆନନ୍ଦରେ ଥାଆନ୍ତି। ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ପରିଲାଗେ। ଶବରୀର ଅଇଁଠା କୋଳି ଖାଇ ତାଙ୍କୁ ସ୍ୱର୍ଗାବାସୀ କରାଇଥିଲେ।

ଆଜିର ମଣିଷ ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ସହରୀକରଣ ଆଳରେ ଯେତେବେଳେ ଗର୍ବ ଅହଙ୍କାରରେ ଫାଟି ପଡୁଛି ତା' ମନରେ ଶାନ୍ତି ନାହିଁ। ମନରେ ଶ୍ରଦ୍ଧା, ପ୍ରେମ, ତ୍ୟାଗ ସେ ସବୁ ଭୁଲିଯାଇ ଚନ୍ଦ୍ରପୃଷ୍ଠରେ ଘର କରିବାକୁ ସ୍ଥିର କରୁଛି। ଅତି ସୂକ୍ଷ୍ମ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଜୀବନଜୀବିକାକୁ ନେଇ ସଂଘର୍ଷ କରି ନିଇତି ମୃତ୍ୟୁ ସହ ଲଢୁଛି। ସମଗ୍ର ବିଶ୍ୱ କରୋନାବ୍ୟାଧିରେ ଆତଙ୍କିତ ହୋଇପଡ଼ିଛି, ଠିକ୍ ସେତିକିବେଳେ ସେହି ସର୍ବଶକ୍ତିମାନ ସାର୍ବଜନୀନ, ସର୍ବଧର୍ମ ସମନ୍ୱୟର ଠାକୁରଙ୍କ ପାଖେ ନିଜକୁ ଆତ୍ମସମର୍ପଣ କରିଦେଇଛି। ସେଠି ପ୍ରଭୁ ହିଁ ଏହି ବିପତ୍ତିଜନକ ମହାମାରୀରୁ ଭକ୍ତଙ୍କୁ ଉଦ୍ଧାର କରିବେ, ଏଥିରେ ସନ୍ଦେହ ନାହିଁ। ନିଜକୁ ପ୍ରଭୁଙ୍କ ପାଖେ ସମର୍ପି ଦେଲେ ଆମେ ସଂକୀର୍ଣ୍ଣତାରୁ ମହାନତା, ବିଶାଳତା, ଗୌରବ, ବିଶ୍ୱାତ୍ମଭାବ, ବିଭବ, ଆଦର୍ଶ ପରିବାର, ଆଦର୍ଶବ୍ୟକ୍ତିତ୍ୱ, ସମୃଦ୍ଧ ସମାଜ ଏବଂ ଗୌରବୋଜ୍ଜ୍ୱଳ ରାଷ୍ଟ୍ର, କଲ୍ୟାଣମୟ ବିଶ୍ୱ ଗଠନ କରିବାକୁ ସମର୍ଥ ହେବୁ। ଯଦି ଅନ୍ତରାତ୍ମାରେ ପ୍ରଭୁଙ୍କ ଦର୍ଶନ କରି ସମସ୍ତ ନକାରାତ୍ମକ ମନୋଭାବକୁ ଦୂରେଇ ଦେଇ ସାତ୍ତ୍ୱିକ ଏବଂ ଆଧ୍ୟାତ୍ମିକଭାବେ ଜାଗ୍ରତ କରି ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ତାହା ହିଁ ହେବ ଘୋଷଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ। ପ୍ରଭୁଙ୍କୁ ଭକ୍ତର ଛୁଇଁବାର ଆବଶ୍ୟକତା ନାହିଁ।

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !!

॥ ବାଦଲ ଭୂୟାଁ ॥

ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ। ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ। ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲରେ ଜାଣିବାର ସୁଯୋଗ ପାଇବେ। ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ। ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ। କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ। କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧ୍ୟବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ମୃତିଚାରଣର କିଛି ଅର୍ଥ ନାହିଁ। ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ। ନିଜେ ଦେବାଳିଆ ମଧ ହୋଇଥିଲେ। କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ। ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ। କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ। ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ବିତ ହେବାକୁ ପଡ଼େ। ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ। କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି ? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ। ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ। ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ। ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା।

ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି। ବହୁ ସୁବିଧା ସୁଯୋଗ ମଧ ଉପଲବ୍ଧ। ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି। ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ। ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ। ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ। କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ। ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ। ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି ? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଳମାଳ। ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ। ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର। ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ। ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି। ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ। ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ମୃତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ। ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ। ଆଜି ମଧ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ତ୍ରେରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା–ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍–୧୭ ଯାହା ୫–୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଏକ ଦିବସୀୟ ଛତୁ ଚାଷ କର୍ମଶାଳା

ନୂଆଗାଁ, (ମହାଭାରତ) : ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ମହିପୁର ଠାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଅଧୀନସ୍ଥ ପରିବେଶ ଅଧ୍ୟୟନ କେନ୍ଦ୍ର ଦ୍ୱାରା ପ୍ରାୟୋଜିତ ଏକ ଦିବସୀୟ ଛତୁ ଚାଷ ଦକ୍ଷତା ବିକାଶ କର୍ମଶାଳା ସ୍ଥାନୀୟ ପି ଏମ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ଦାସଙ୍କ ପୌରୋହିତ୍ୟରେ କର୍ମଶାଳାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହିପୁର ବନ ବିଭାଗର ସହକାରୀ ବନ ସଂରକ୍ଷକ ଅମ୍ରିତ କୁମାର ସାହୁ ଯୋଗ ଦେଇଥିଲେ, ସଷ୍ଟେନ ସାଭି ରିସର୍ଚ୍ଚ ଫାଉଣ୍ଡେସନ ନୟାଗଡ଼ର ବୈଷୟିକ ସହାୟତାରେ ଶିବିର ପରିଚାଳନା ହୋଇଥିଲା । ବିଶେଷଜ୍ଞ ଡ଼. ସୌଜନେନ୍ଦ୍ର ସ୍ୱାଇଁ, ସୁଶାନ୍ତ କୁମାର ମିଶ୍ର, ଓ ଛତୁ ଚାଷ ଉଦ୍ୟୋଗୀ ଲକ୍ଷ୍ମୀଧର ପେଣ୍ଡୋଇ ଯୋଗଦାନ ଦେଇ ଛତୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ କୌଶଳ ବିଷୟରେ ଜ୍ଞାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବ୍ୟାବହାରିକ କୌଶଳ ଜ୍ଞାନ ପ୍ରଦାନ କରିଥଲେ । ନୟାଗଡ଼ ଜିଲ୍ଲାର ୨୧ଟି ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ମୋଟ ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଶିବିରରେ ଯୋଗଦାନ ଦେଇଥିଲେ। ଦୈନନ୍ଦିନ ଜୀବନରେ କିପରି ଛତୁ ଚାଷ କରି ସ୍ୱାବଲମ୍ବୀ ହେବା ସହିତ ପୃଷ୍ଟିକର ଖାଦ୍ୟ ପାଇବା, ସେ ନେଇ ଶିବିରରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କର ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ପରିଚାଳନା କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀ ମହାବୀର ପ୍ରସାଦ ସାଥୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

## ମାଲକାନଗିରିରେ ଓଡ଼ିଆ ପକ୍ଷ ପାଳନ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ପାଇଁ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଜନମାନସରେ ଆଦୃତ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ବିଭାଗରେ ଏହି ଅଭିଯାନକୁ ବ୍ୟାପକ କରାଯାଇଛି। ଏହି ଦିବସରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀମାନେ ପାରମ୍ପରିକ ଓଡ଼ିଆ ହସ୍ତତନ୍ତ ପୋଷାକ ପରିଧାନ କରି ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଆୟୋଜନ କରିଥିଲେ। ଏହା ଦ୍ୱାରା ପାରମ୍ପାରିକ ବୁଣାକାରଙ୍କୁ ସମର୍ଥନ ଓ ଓଡ଼ିଶାର ବୟନ ଶିଳ୍ପକୁ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ବାର୍ତ୍ତା ଦିଆଯାଇଛି।କର୍ମଚାରୀମାନେ ପାରମ୍ପରିକ ପୋଷାକରେ ନିଜର ଫଟୋ ବା ସେଲଫି ଉଠାଇ ଓଡ଼ିଆ ପକ୍ଷ ଅଫିସିଆଲ୍ ୱେବସାଇଟ୍ ରେ ଅପଲୋଡ୍ କରିବା ପାଇଁ ଉତ୍ସାହିତ କରାଯାଇଛି। ହସ୍ତତନ୍ତ ବସ୍ତ୍ରର ବ୍ୟବହାର ବୃଦ୍ଧି ପାଇଁ ବୟନିକା, ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ପରି ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଗ୍ରାହକମାନଙ୍କୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିଭିନ୍ନ ସଭାରେ ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପରମ୍ପରାର ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଛି। ଏହି ଅଭିଯାନ ଏପ୍ରିଲ ୧୪ (ମହାବିଷୁବ ସଂକ୍ରାନ୍ତି) ପର୍ଯ୍ୟନ୍ତ ଜାରି ରହିବ।

## ୩୨ଟି ବେଆଇନ ଏଲପିଜି ଗ୍ୟାସ ସିଲିଣ୍ଡର ଜବତ

ରଣପୁର, (ମହାଭାରତ) : ଏଲପିଜି ଗ୍ୟାସ କଳା ବଜାରୀ କରୁଥିବା ଅଭିଯୋଗ ରେ ଏନଫୋର୍ସମେଣ୍ଟ ଟିମର ଚଢ଼ାଉ। ଚଢ଼ାଉ ସମୟରେ ୩୨ଟି ବେଆଇନ ଏଲପିଜି ଗ୍ୟାସ ସିଲିଣ୍ଡର ଜବତ। ରଣପୁର ବ୍ଲକ୍ ସୁନାଖଳାର ରଘୁନାଥ ସାହୁ ଙ୍କ ଘରେ ରଣପୁର ବିଡିଓ, ତହସିଲଦାର ଓ ଯୋଗାଣ ବିଭାଗର ସହ ସ୍ଥାନୀୟ ରଣପୁର ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ତାଙ୍କ ଘରୁ ଏଲପିଜି ଗ୍ୟାସ ଇଣ୍ଡିଆନ, ଭାରତ ଓ ଏଚ୍.ପି କମ୍ପାନୀର ୩୨ଟି ଗ୍ୟାସ ଜବତ କରାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଗୋଟେ ପଟେ ଏଲପିଜି ଗ୍ୟାସ ସଙ୍କଟ ଦେଖାଯାଇଥିବା ଏହାର ସୁଯୋଗ ନେଇ କଳା ବଜାରୀ କରୁଛନ୍ତି ଅସାଧୁ ବ୍ୟକ୍ତି। ଆଗାମୀ ଦିନରେ ଗ୍ୟାସ କଳା ବଜାରୀ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ରଣପୁର ତହସିଲଦାର।

## କୂଅରୁ ହାତୀ ଛୁଆ ଉଦ୍ଧାର କଲା ବନ ବିଭାଗ

ରଣପୁର, (ମହାଭାରତ) : ଖୋଲା କୂଅରେ ଖସି ପଡ଼ିଲା ହାତୀ ଛୁଆ। ତିନି ଘଣ୍ଟାର ଅପରେସନ ପରେ ଉଦ୍ଧାର କଲା ବନ ବିଭାଗ। ନୟାଗଡ ଜିଲ୍ଲା ରଣପୁର ରେଞ୍ଜ ରେ ଷୋହଳ ଟିକିଆ ହାତୀ ପଲ ଉତ୍ପାତ କରୁଥିବା ବେଳେ ଖାଦ୍ୟ ସଂଗ୍ରହ ପାଇଁ ଗାଁ ମୁହାଁ ହେଉଛନ୍ତି ହାତୀ ପଲ। ହାତୀ ପଲଙ୍କ ଠାରୁ ଅଲଗା ହୋଇ ହାତୀ ଛୁଆ ଟି ପାଇକ ଭୂଇଁ ନିକଟସ୍ଥ ଏକ ପରିତକ୍ତ କୂଅରେ ପଡିଯାଇଥିଲା। ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ହାତୀ ଛୁଆକୁ ଉଦ୍ଧାର କରି ହାତୀ ପଲରେ ମିସେଇବା ପାଇଁ ବନ ବିଭାଗ ଚେଷ୍ଟା କରୁଥିବା ବେଳେ ମଣିଷ ସ୍ପର୍ଶ ପାଇଁ ହାତୀ ପଲ ଛୁଆ ହାତୀକୁ ଗୋଠରେ ମିଶାଉ ନଥିବା ଜଣା ପଡିଛି। ସେପଟେ ହାତୀ ଛୁଆ ପାଇଁ ବନ ବିଭାଗ ନାକେଦମ ହୋଇଯାଇଥିବା ଜଣା ପଡିଛି।

## କୁଳନ୍ତିରା ବାଗିଲ ରେ ୨୫ତମ ନାମ ସଙ୍କୀର୍ତ୍ତନ ଶେଷ

ବାଲିପାଟଣା:(ମହାଭାରତ) ଖୋର୍ଦ୍ଧାଜିଲ୍ଲା ବାଲିପାଟଣା ବ୍ଲକ କୁଳନ୍ତିରାବାଗିଲୋ ଗ୍ରାମରେ ମା' ଭୁବାସୀନିଙ୍କ ୨୫ ତମ ନାମ ସଙ୍କୀର୍ତ୍ତନ ଶେଷ ହାଇଯାଇଛି । ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଭୁବାସିନି ଙ୍କ ଅପାର ମହିମା , କିମ୍ବଦନ୍ତୀକୁ ଉଜ୍ଜୀବିତ କରି ରଖିବା ସହ ମା'ଙ୍କ ପୀଠର ପ୍ରଚାର , ପ୍ରସାର ଓ ଗ୍ରାମର ମଙ୍ଗଳ ନିମନ୍ତେ ତିନି ଧରି ଏହି ନାମ ସଙ୍କୀର୍ତ୍ତନ ଆୟୋଜିତ ହୋଇଥିଲା। ମା ଭୁ ବାସିନୀ ଚାରି ଟେବୁଲ୍ ଟ୍ରଷ୍ଟ ର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ଙ୍କ ତତ୍ତ୍ୱାବଧାନ ରେ ଏହି ନାମ ସଙ୍କୀର୍ତ୍ତନ ଖୁବ୍ ଶାନ୍ତି ଶୃଙ୍ଖଳା ରେ ଶେଷ ହୋଇଥିଲା। ନାମ ସଙ୍କୀର୍ତ୍ତନର କର୍ତ୍ତା ଶଙ୍କର ଭୋଳ ହୋଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ, ପ୍ରତାପ ସ୍ୱାଇଁ,ସୁଶାନ୍ତ ଭୋଳ, ସୁଜିତ୍ ଭୋଳ, ଅଜିତ ଭୋଳ, ଜଚିନ୍ଦ୍ର ଭୋଳ, ପ୍ରଶାନ୍ତ ଭୋଳ,ଜୀବନ ପଣ୍ଡା, ପ୍ରହଲ୍ଲାଦ ଭୋଳ, ପାପୁନ୍ ଭୋଳ, ଦୀପକ ଭୋଳ, ବବୁଲ ଭୋଲ, ସୌମ୍ୟରଞ୍ଜନ ଭୋଳ, ପ୍ରଶାନ୍ତ ଭୋଳ, ତାପସ ଭୋଳ ଓ ସମସ୍ତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

## ପାଣି ପାଇଁ ଡହଳ ବିକଳ 'ଲାଦୁରାସାହି' ଗ୍ରାମବାସୀ

କପ୍ତିପଦା, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତର "ଲାଦୁରାସାହି'ରେ ଜଳ ସଙ୍କଟ ଦେଖା ଦେଇଛି। ଶରତ ଗ୍ରାମ ପଞ୍ଚାୟତର ଗୌରଚନ୍ଦ୍ରପୁର ରାଜସ୍ୱ ଗ୍ରାମର ୧୨ ନମ୍ବର ୱାର୍ଡରେ ଅବସ୍ଥିତ ଏହି "ଲାଦୁରାସାହି' ଗ୍ରାମ, ଏହି ଗ୍ରାମର ଜନସଂଖ୍ୟା ୬୦ରୁ ଉର୍ଦ୍ଧ। ଜିଲ୍ଲାର ଏହି ଉପାନ୍ତ ଅଞ୍ଚଳର ଗ୍ରାମରେ ପାନୀୟ ଜଳର ସମସ୍ୟା ଦେଖା ଦେଇଛି। ଗ୍ରାମରେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ନଳକୂପ ସ୍ଥାପନ ହୋଇ ପାରି ନାହିଁ। ଗ୍ରାମରେ ନଳକୂପ ଖୋଲା ଯାଇ ନ ଥିବାରୁ ଗ୍ରାମବାସୀ ଅତ୍ୟନ୍ତ ଦୟନୀୟ ଭାବେ ତାଙ୍କ ଗ୍ରାମରେ ଥିବା ଗୋଟିଏ ପରିତ୍ୟକ୍ତ "କୂଅ/କୂପ'ରୁ ପାଣି ସଂଗ୍ରହ କରୁଥିବା ଭଳି ଦୟନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଗ୍ରାମବାସୀମାନେ ଏହି ପାଣିକୁ ଉଭୟ ପାନୀୟ ଏବଂ ରୋଷେଇ ପାଇଁ ବ୍ୟବହାର କରୁଛନ୍ତି। ତେବେ ପାନୀୟ ଜଳର ସମସ୍ୟା ସମାଧାନ ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମର ସମାଜସେବୀ ଗୋପିନାଥ ହାଇବୁରୁ, ରାନ୍ଧ ହାଇବୁରୁ, ଦାମୁ ହାଇବୁରୁ, ରତିକାନ୍ତ ହାଇବୁରୁ ଏବଂ ଘନ ହାଇବୁରୁ ପ୍ରମୁଖ ଦାବି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଗ୍ରାମରେ ନଳକୂପ ଖୋଲା ଯାଇ ଗ୍ରାମରେ ପାନୀୟ ଜଳର ସମସ୍ୟା ନ ସମାଧାନ କରାଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସମାଜସେବୀ ଶ୍ରୀ ଗୋପୀନାଥ ହାଇବୁରୁ ଚେତାବନୀ ଦେଇଛନ୍ତି।

# ତହସିଲରେ କଲମ ଦୁଇ ପଟ୍ଟା ବଣ୍ଟନରେ ଅନିୟମିତତା

ମୋହନା, (ମହାଭାରତ) : ମୋହନା ତହସିଲରେ କଲମ ଦୁଇ ପଟ୍ଟା ବଣ୍ଟନରେ ଅନିୟମିତତା, ବର୍ଷ ବର୍ଷ ଧରି ତହସିଲରେ ପଡ଼ି ରହିଛି ହଜାର ହଜାର ଲୋକଙ୍କ ପଟ୍ଟା, ତହସିଲ କାର୍ଯ୍ୟାଳୟ ରେ ଟଙ୍କା ନ ଦେଲେ ମିଳୁନି ହିତାଧିକାରୀଙ୍କୁ ଜମି ପଟ୍ଟା। ନୂତନ ସରକାର ଆସିବା ପରେ ଲୋକଙ୍କ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ହେଲେ କିଛି ଅଧିକାରୀଙ୍କ ଚରମ ଅବହେଳା ହେଉ କିମ୍ବା ଟଙ୍କାର ଲାଳସା ଆଗରେ ସମସ୍ୟା ଅଧିକାରୀଙ୍କୁ ତୁଚ୍ଛ ଦେଖାଯାଉଛି। ଏଭଳି କିଛି ଅଭିଯୋଗ ଆସିଛି ଗଜପତି ଜିଲ୍ଲା ମୋହନା ତହସିଲ କାର୍ଯ୍ୟାଳୟରୁ । ଏହି ତହସିଲ କାର୍ଯ୍ୟାଳୟ କିଛିଦିନ ହେବ ଭାରି ଚର୍ଚ୍ଚାରେ ରହି ଆସୁଛି। କେବେ ଦଲାଲି ଙ୍କ ପାଦୁର୍ଭାବ ତ କେବେ ଅଫିଡେଫିଟକୁ ନେଇ ବେଶ୍ ଲୋକଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଏବେ ମଧ କାର୍ଯ୍ୟାଳୟରେ ଲୋକଙ୍କ ସମାଧାନ କରିବା ପାଇଁ ତହସିଲଦାର ଏତେ ପଛଘୁଂଚା କାହିଁକି ? ସରକାର ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି ହେଲେ ଅଧିକାରୀ ମାନେ ଗରିବ ନିରୀହ ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି। ପୁର୍ବରୁ ଯେଉଁ ବ୍ୟକ୍ତିଙ୍କ ନାମରେ ରହିଥିଲା ପଟ୍ଟା ସେହି ବ୍ୟକ୍ତିଙ୍କ ମୃତ୍ୟୁ ହୋଇ ସାରିଛି। ଯାହା ତାଙ୍କ ପରିବାରର ସ୍ତ୍ରୀ କିମ୍ବା ପୁଅ ଝିଅ ସମସ୍ତ ଆଇନଗତ ଉତ୍ତରାଧିକରକୁ ଜମି ପଟ୍ଟା ପାଇଁ ହଜାର ହଜାର ଲୋକେ ଆବେଦନ କରି ରହିଛନ୍ତି। କିନ୍ତୁ ମାସ ମାସ ବିତିଯାଇଥିଲେ ମଧ ସେମାନଙ୍କୁ ଜମି ପଟ୍ଟା ମିଳି




ପାରୁନାହିଁ।ଯାହା ଫଳରେ ଯଦି କୌଣସି ସରକାରୀ କାର୍ଯ୍ୟରେ ଆବଶ୍ୟକ ପଡେ ଜମି ପଟ୍ଟା ଦେଇ ନ ପାରି ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ସୂଚନା ପ୍ରକାରେ ମୋହନା ତହସିଲ କାର୍ଯ୍ୟାଳୟରେ କୁଆଡେ ମଣିଷ ଉଚ୍ଚା ରେ ସେହି ସବୁ ପଟ୍ଟା ବଣ୍ଟନ ନକରି ପଡ଼ି ରହିଛି। ଯାହାକୁ ଜରୁରୀ ଆବଶ୍ୟକ ପଡୁଛି ଜମି ପଟ୍ଟା ସେ ତହସିଲ କାର୍ଯ୍ୟାଳୟ କୁ ଆସି ତହସିଲ କାର୍ଯ୍ୟାଳୟ ରେ ଥିବା ଶୁପରଭାଇଜର କୁ ଲାଞ୍ଚ ଦେଲେ ପଟ୍ଟା ମିଳୁଥିବା ଅଭିଯୋଗ ହେଉଛି । ତାହା ଏକ ପ୍ରକାର ଗୁରିତ୍ୱପୂର୍ଣ ବିଷୟ ସରକାର ଗୁରୁତ୍ୱ ନେଇ ତଦନ୍ତ କରିବା ଆବଶ୍ୟକ ହୋଇ ପଡିଛି। ସମସ୍ତ ପ୍ରକାର ଜମି ପଟ୍ଟା ଡାକ ସେବା ମାଧ୍ୟମରେ ଘରେ ପହଞ୍ଚିବା କଥା କିନ୍ତୁ ଆଜକୁ ବର୍ଷେ ହେବ ତହସିଲ କାର୍ଯ୍ୟାଳୟ ରେ ହିଁ ଦିଆ ଯାଉଥିବା ନେଇ ଏକ ପ୍ରକାର ସାଙ୍ଘାତିକ ଅଭିଯୋଗ ଆସିଛି ।ଏଭଳି ତହସିଲଦାର, ସୁପରଭାଇଜର ଓ କିଛି ଦଲାଲ ଙ୍କ କାର୍ଯ୍ୟକଳାପ ଯୋଗୁଁ ମୋହନା ବ୍ଲକ ସମ୍ପୂର୍ଣ୍ଣ ବଦନାମ ହେବାରେ ଲାଗିଛି ବୋଲି ଚର୍ଚ୍ଚା ହେଉଛି । ଯଦି ଏହିଭଳି ଲୋକଙ୍କ ସମସ୍ୟା ସମାଧାନ କରାନଯିବ ତା ହେଲେ ଆଗାମୀ ଦିନରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ଏନେଇ ଆମେ ଫୋନ ମାଧ୍ୟମରେ ତହସିଲଦାରଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲୁ କିନ୍ତୁ କୌଣସି ଯୋଗାଯୋଗ ହୋଇପାରିଲାନାହିଁ ।

## ପୁନିଗୁଡ଼ା ମାଁ ଭୈରବୀ ନକ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଲାଞ୍ଜିଗଡ଼, (ମହାଭାରତ) : ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତ ଅଧିନସ୍ତ ପୁନିଗୁଡ଼ା ଗ୍ରାମର ଖେଳ ପଡ଼ିଆ ଠାରେ ମାଁ ଭୈରବୀ ନକ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତା ଗୁରୁବାର ଉଦଘାଟିତ ହୋଇଯାଇଛି ।ଆଜି ପ୍ରଥମ ମ୍ୟାଚ୍ ସିନ୍ଧିବାହାଳୀ ଓ କୁବୁରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏହି ମ୍ୟାଚରେ ପ୍ରଥମେ ସିନ୍ଧିବାହାଳୀ ଦଳ ଟସ ଜିତି ବ୍ୟାଟିଙ୍ଗ କରିଥିବାବେଳେ ୧୦ ଓଭରରେ ୫ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ କୁବୁରି ଦଳ ୭ ଓଭରରେ ୨ ଉଇକେଟ ହରାଇ ୬୫ ରନ ସଂଗ୍ରହ କରି ସିନ୍ଧିବାହାଳୀ ଦଳ ଠାରୁ ବିଜୟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ପୁନିଗୁଡ଼ା ଓ ବେଡ଼ାଗାଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଉକ୍ତ ମ୍ୟାଚରେ ପୁନିଗୁଡ଼ା ଦଳ ଟସ ଜିତି ବ୍ୟାଟିଙ୍ଗ କରିଥିବାବେଳେ ୧୦ ଓଭରରେ ୭ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରିଥିବାବେଳେ ଏହାର ଜବାବରେ ବେଡ଼ାଗାଁ ଦଳ ୧୦ ଓଭରରେ ୪ ଉଇକେଟ ହରାଇ ୧୦୨ ରନ କରି ପୁନିଗୁଡ଼ା କ୍ରିକେଟ ଦଳ ଠାରୁ ପରାଜୟ ହୋଇଥିଲା ।ଉକ୍ତ ଚାରି ଦଳ ମଧ୍ୟରୁ ବିଜୟୀ ହୋଇଥିବା କୁବୁରି ଓ ପୁନିଗୁଡ଼ା ଦଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ



ହୋଇଥିଲା ।ଉକ୍ତ ସେମିଫାଇନାଲ ମ୍ୟାଚରେ ପୁଣି ପୁନିଗୁଡ଼ା ଦଳ ଟସ ଜିତି ବ୍ୟାଟିଙ୍ଗ କରିଥିବାବେଳେ ୧୦ ଓଭରରେ ୮ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କୁବୁରି ଦଳ ୧୦ ଓଭର ଖେଳି ୭ଉଇକେଟ ହରାଇ ୬୪ ରନ ସଂଗ୍ରହ କରି ପୁନିଗୁଡ଼ା ଦଳରୁ ପରାଜୟ ହୋଇଥିଲା ।ଉକ୍ତ ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୁନିଗୁଡ଼ା ୱାର୍ଡ ? ମେମ୍ବର ପ୍ରତିନିଧି ଟଙ୍କଧର ବିଭାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୋଶୀଳ ବିଭାର ସମେତ ଗ୍ରାମର ଅନ୍ୟାନ୍ୟ ଭଦ୍ର ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ଖେଳକୁ ଶୁଭାରମ୍ଭ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ଆଜିର ଉଦଘାଟନୀ ମ୍ୟାଚରେ ତପନ ମାଝୀ ଓ ଗୁପ୍ତେଶ୍ୱର ମାଝୀ ଅମ୍ପିୟାର ଭାର ତୁଲାଇ ଖେଳ ପରିଚାଳନା କରିଥିଲେ ଓ ଜିତୁ ମାଝୀ ସ୍କୋର ବୋର୍ଡ ? ଦାୟିତ୍ୱ ତୁଲାଇଥିବାବେଳେ ଯୁବସାମ୍ବାଦିକ ମଳୟ ବେନୁଆଁ ଧାରା ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟ ଅପ୍ରେଲ ୨ ତାରିଖରେ ଆରମ୍ଭ ହୋଇଥିବା ବେଳେ ଏଥିରେ ଆଖପାଖ ଅଞ୍ଚଳର ଆଠ ଗୋଟି ଦଳ ଭାଗ ନେଇଛନ୍ତି ।ଚଳିତ ମାସର ୦୪ ତାରିଖରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ପୁନିଗୁଡ଼ା ମାଁ ଭୈରବୀ ଯୁବକ ସଂଘ ପକ୍ଷରୁ ସୂଚନା ମିଳିଛି ।ଉକ୍ତ ଟୁର୍ନାମେଣ୍ଟକୁ ବିକ୍ରମ ମାଝୀ, ନବୀନ ମାଝୀ, ତପନ ମାଝୀ, ପ୍ରଶାନ୍ତ ମାଝୀ, କୈଳାସ ମାଝୀ, ଉପେନ୍ଦ୍ର ହରପାଳ, ଗୁପ୍ତେଶ୍ୱର ହରପାଲ, ଜିତୁ ମାଝୀ, ପୀତବାସ ମାଝୀ, ବିଶ୍ୱନାଥ ମାଝୀ ସମେତ ପୁନିଗୁଡ଼ା ଯୁବକ ସଂଘର ସମସ୍ତ ସଦସ୍ୟ ମାନେ ବିଶେଷ ସହଯୋଗ କରିଥିଲେ।

## ପାରାଦୀପ ପୌରପାଳିକା ପକ୍ଷରୁ ଉତ୍କଳ ଦିବସ ଓ ଓଡ଼ିଆ ପକ୍ଷ ପାଳିତ



ପାରାଦୀପ, (ମହାଭାରତ) : ପାରାଦୀପ ପୌରପାଳିକା ପକ୍ଷରୁ ଅପ୍ରେଲ ୧ ତାରିଖରେ ଉତ୍କଳ ଦିବସ ତଥା ରାଜ୍ୟ ପ୍ରତିଷ୍ଠା ଦିବସ ଏବଂ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୮ଟା ରେ ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦିନ ୧୦ଟା ସମୟରେ ପୌରପାଳିକା ପ୍ରଶାସନିକ ଭବନର ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ଏବଂ ପାରାଦ୍ୱୀପ ପୌର ପରିଷଦ ପକ୍ଷରୁ ଆୟୋଜିତ ସଭାରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପୌରହିତ୍ୟ କରିବା ସହ ଏହାର ଉଦ୍ଦେଶ୍ୟ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସକାଳେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ଛବିଲତା ରାଉତ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂହ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସମସ୍ତ ପାରିଷଦ ଓ ପୌର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପୌର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅଧକ୍ଷତା କରି ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଉପସ୍ଥିତ ଥିବା ସମସ୍ତ ପାରିଷଦ, ପୌର କର୍ମଚାରୀ ମାନଙ୍କୁ ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ୧୯୩୬ ମସିହାରେ ଓଡ଼ିଶା ରାଜ୍ୟ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବରେ ପ୍ରତିଷ୍ଠା ସମ୍ବନ୍ଧରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ଏଥି ପାଇଁ ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓ ଅନ୍ୟାନ୍ୟ ବରପୁତ୍ର ମାନଙ୍କ ତ୍ୟାଗ ଓ ସଂଗ୍ରାମକୁ ସ୍ମରଣ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ଏହି ଅବସରରେ ସମସ୍ତ ପାରିଷଦ ଉତ୍କଳ ଦିବସର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ ନିର୍ବାହୀ ଅଧିକାରୀ କହିଥିଲେ ଯେ, ରାଜ୍ୟ ସରକାର ଅପ୍ରେଲ ୧ ତାରିଖ ଠାରୁ ଅପ୍ରେଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ଦିନ ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ତରଫରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ପାରାଦ୍ୱୀପ ପୌର ପାଳିକା ତରଫରୁ ୩ ଅପ୍ରେଲରେ ହସ୍ତତନ୍ତ ବସ୍ତ୍ର ପରିଧାନ କରାଯିବ, ୪ ଅପ୍ରେଲରେ ଓଡ଼ିଆ ନାମ ଫଳକ ଲେଖା ଅଭିଜାନ କାର୍ଯ୍ୟକ୍ରମରେ ବଡପଡିଆ ମାର୍କେଟରେ ସଚେତନତା କାର୍ଯ୍ୟକ୍ରମ କରାଯିବା, ୬ ଅପ୍ରେଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ନେହେରୁ ବଙ୍ଗଳା ଠାରେ ସଫେଇ କାର୍ଯ୍ୟକ୍ରମ, ୧୩ ଅପ୍ରେଲରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ମହିଳା ମାନଙ୍କ ମଧ୍ୟରେ ଝୋଟି, ଚିତା, ମୁରୁଜ ଓ ବିଭିନ୍ନ ପ୍ରକାରର ପିଠା ଓ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କରାଯିବ ଏବଂ ୧୪ ଅପ୍ରେଲରେ ମହା ବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ପାଳନ ଅବସରରେ ବେଳାଭୂମି କଳିଙ୍ଗ ବାଲିଯାତ୍ର ପଡିଆରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅପ୍ରେଲ ୧ ତାରିଖ ଠାରୁ ସାରା ଦେଶରେ ଜନଗଣନା କାର୍ଯ୍ୟକମ ଆରମ୍ଭ କରାଯାଉଛି। ଏହି ଜନ ଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ଅପ୍ରେଲ ୨୦୨୬ ମସିହାରେ ପ୍ରଥମେ ଘର ଗୁଡିକର ତାଲିକା ସହ ଜନଗଣନା ୨୦୨୭ ଅପ୍ରେଲ ପର୍ଯ୍ୟନ୍ତ କରାଯିବା ଏଥିପାଇଁ ସରକାରଙ୍କ ତରଫରୁ ଜାରି କରାଯାଇଥିବା ସ୍ୱ – ଗଣନା ପୋର୍ଟାଲରେ ନିଜର ତଥ୍ୟ ପ୍ରଦାନ କରାଯାଇପାରିବ । ତେଣୁ ପୌରାଧକ୍ଷ ଏଥିପାଇଁ ସମସ୍ତ ପାରିଷଦ ଓ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ।

## ପାରାଦୀପ ପୋର୍ଟ ଡିଏଭି ସ୍କୁଲର ଅଧକ୍ଷା ବିନ୍ଦୁଶ୍ରୀଙ୍କ ଅବସର ନୂତନ ଅଧକ୍ଷା ଗୀତାଞ୍ଜଳି ହୋତାଙ୍କ ଦାୟିତ୍ୱ ଗ୍ରହଣ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ଡିଏଭି ପବ୍ଲିକ ସ୍କୁଲର ଅଧକ୍ଷା ବିନ୍ଦୁଶ୍ରୀ ମହାନ୍ତି ଅପ୍ରେଲ ୧ ତାରିଖରେ ଦାୟିତ୍ୱ ଓ ସେବାରୁ ଅବସର ନେଇଛନ୍ତି କ୍ଷତାଙ୍କର ଉତ୍ସର୍ଗୀକୃତ ସେବା ଓ ନେତୃତ୍ୱରେ ବିଦ୍ୟାଳୟର ବହୁବିଧ ଉନ୍ନତି ସାଧିତ ହୋଇଥିଲା। ୨୦୧୯ ମସିହାରୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବିନ୍ଦୁଶ୍ରୀ ମହାନ୍ତି ବିଦ୍ୟାଳୟର ବିକାଶରେ ଉଲ୍ଲେଖନୀୟ ଅବଦାନ ରହିଛି । ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଅନୁଷ୍ଠାନର ପ୍ରଗତିକୁ ଆକାର ଦେବା ଏବଂ ଉଚ୍ଚ ଶୈକ୍ଷିକ ମାନ ବଜାୟ ରଖିବାରେ ଅକ୍ଳାନ୍ତ ପ୍ରୟାସ ପାଇଁ ବିଦ୍ୟାଳୟ ଗଭୀର କୃତଜ୍ଞତା ପ୍ରକାଶ କରିଛି। ସେହିପରି ପୂର୍ବତନ ଅଧକ୍ଷାଙ୍କ ଅବସର ଗ୍ରହଣ ପରେ




ଗୀତାଞ୍ଜଳି ହୋତା ନୂତନ ଅଧକ୍ଷା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନବନିଯୁକ୍ତ ଅଧକ୍ଷା ସୁଶ୍ରୀ ଗୀତାଞ୍ଜଳି ହୋତା ଶିକ୍ଷା କ୍ଷେତ୍ରରେ ତାଙ୍କର ଅନେକ ଅଭିଜ୍ଞତା ରହିଛି । ବିଦ୍ୟାଳୟର ପ୍ରଶାସକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ନୂତନ ଅଧକ୍ଷାଙ୍କୁ ସ୍ୱାଗତ କରି ତାଙ୍କର ଭବିଷ୍ୟତ ପ୍ରୟାସରେ ସଫଳତା କାମନା କରିଥିଲେ।

## ଜପୁର ଗ୍ରାମରେ ମାଆ ନାକିଟିଭବାନଙ୍କ ଠାକୁରାଣୀ ଯାତ୍ରା ପରିସମାପ୍ତି

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବାରେ ଜାଜପୁର ଗ୍ରାମ ଦେବତୀ ମାଁ ନାକିଟିଭବାନୀ ଙ୍କ ଠାକୁରାଣୀ ଯାତ୍ରାର ପରିସମପ୍ତି ହୋଇ ଯାଇଛି ।ଏହି ଅବସରରେ ସକାଳ ସମୟରେ ବିଭିନ୍ନ ବାଦ୍ୟ ବାଜଣା ସହ ଗାଁର ବିଭିନ୍ନ ସାହିରେ ମାଆଙ୍କ ଘଟ ପରିକ୍ରମା କରାଯାଉଛି । ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଭକ୍ତ ମାନେ ମାଆଙ୍କୁ ହଳଦୀ ପାଣିରେ ମାଆଙ୍କୁ ଶୀତଳ ଦେଇ, ମୁଗଜାଇ, ନଡ଼ିଆ କଦଳୀ, ଫୁଲ ଫଳ, ଲୁଗା, ପ୍ରଭୃତି ସାମଗ୍ରୀରେ ମାଆଙ୍କୁ ପୂଜାର୍ଚ୍ଚନା କରାଯାଉଥିଲା । ଗାଁ ଲୋକେ କହିବା ଅନୁସାରେ ଗ୍ରାମର ଅଧିଷ୍ଠାତ୍ରୀ ଗ୍ରାମଦେବୀ ମା କେଉଁ ପୁରାତନ କାଳରୁ ଯାଜପୁର ଗ୍ରାମର ଉତ୍ତରପୂର୍ବ କୋଣର ଏକ ବିଲପ୍ରାନ୍ତି ମଧ୍ୟରେ ଅଧିଷ୍ଠିତ ଅଛନ୍ତି ଗ୍ରାମବାସୀ ବଡ ଭକ୍ତି ସହକାରେ ଆସି ମାଆ ଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି । ମାଁଙ୍କର ପ୍ରତ୍ୟକ୍ଷ ଅନୁଭୁତିକୁ ନେଇ ସାଧାରଣ ଲୋକଙ୍କ ଭଳି ମାଁ ଗ୍ରାମବାସୀଙ୍କ ସହିତ ଚଳପ୍ରଚଳ କରୁଥିବା ଜାଜପୁର ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ମାଁ ନାକିଟିଭବାନୀ ଙ୍କ ପ୍ରତି ପାଞ୍ଚ ବର୍ଷ କୁ ଥରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ ଗ୍ରାମର ଅସ୍ଥାୟୀ ମଣ୍ଡପରେ ବିଜେ କରି ପ୍ରତି ସଂନ୍ଧ୍ୟାରେ ଓ ସକାଳୁ ଗ୍ରାମ ପରିକ୍ରମା କରୁଥିବା ପ୍ରଥା ରହିଛି । ଏହି ସମୟରେ ଗ୍ରାମ ଉତ୍ସବ ମୁଖର ହୋଇଥାଏ । ହଜାର ହଜାର ସଂଖ୍ୟାରେଗ୍ରାମବାସୀଙ୍କ ସହିତ ବନ୍ଧୁବାନ୍ଧବ ପରିଜନଙ୍କ ସହିତ ଆସି ମାଆଙ୍କ କୃପା ଲାଭ କରିବା ସହ ନିଜନିଜ ମାନସିକ ଇଚ୍ଛା ପୂରଣ କରିଥାନ୍ତି ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ, ଡ୍ରାଇଭର ଫେରାର

କରଞ୍ଜିଆ, (ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତାଳପଦା ଗ୍ରାମ ପଞ୍ଚାୟତର ତାଳପଦା ଛକ ନିକଟରେ ଘଟିଛି ଏକ ଦୁର୍ଭାଗ୍ୟଜନକ ସଡ଼କ ଦୁର୍ଘଟଣା, ଯାହାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣା ସୂତ୍ରରୁ ପ୍ରକାଶ ଯେ, କରଞ୍ଜିଆ ଏନଏସି ଅନ୍ତର୍ଗତ ସରଧା ଗ୍ରାମର ରାଜେନ୍ଦ୍ର ମାଟିଆ ନିଜ ଶଶୁର ଘର ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ତାଳପଦା ଗ୍ରାମ ପଞ୍ଚାୟତର ଲକ୍ଷ୍ମୀପଷି ଗ୍ରାମକୁ ଏକଉସିଆ ଭୋଜି ଖାଇବା ପାଇଁ ଆସିଥିଲେ। ରାତି ସମୟରେ କୌଣସି ବ୍ୟକ୍ତିଗତ କାମରେ ସେ ତାଳପଦା ଗ୍ରାମକୁ ଯାଇଥିଲେ। ପରେ ରାତି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ସେ ତାଳପଦାରୁ ଲକ୍ଷ୍ମୀପଷିକୁ ଫେରୁଥିବା ବେଳେ ବାଲିପଷି ଗ୍ରାମ ପାଖରେ ଥିବା ତାଳପଦା ଛକ ନିକଟରେ ଏକ ଟ୍ରାକ୍ଟର (ନମ୍ବର ଓଡି-୦୧-ଏଜେଡ-୪୧୭୬) ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଠାକୁରମୁଣ୍ଡା ଥାନାକୁ ସୂଚନା ଦେଇଥିଲେ। ଖବର ପାଇଁ ଠାକୁରମୁଣ୍ଡା ଥାନାର ଓଆଇସି ଅମରେଶ ବାରିକ ଓ ତାଙ୍କ ଟିମ ଘଟଣାସ୍ଥଳକୁ ପହଞ୍ଚି ଟ୍ରାକ୍ଟରକୁ ଜବତ କରିଥିଲେ। ଏହାସହ କେସ୍ ନମ୍ବର ୩୭/୨୦୨୬ ଅନୁଯାୟୀ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ଘଟଣା ପରେ ଟ୍ରାକ୍ଟର ଚାଳକ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ଲୋକମାନେ ଗୁରୁତର ଆହତ ରାଜେନ୍ଦ୍ରଙ୍କୁ ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପାଇଁ ତାଙ୍କୁ କରଞ୍ଜିଆ ଡାକ୍ତରଖାନାକୁ ପଠାଯାଇଛି।

## ପାରାଦୀପ ତୈଳବିଶୋଧନାଗାରରେ 'ଉତ୍କଳ ଦିବସ' ୨୦୨୬ ମହାସମାରୋହରେ ପାଳିତ

ପାରାଦୀପ, (ମହାଭାରତ) : ଆଇଓସିଏଲ ଅଧିକୃତ ପାରାଦୀପ ତୈଳ ବିଶୋଧନାଗାରରେ ଅପ୍ରେଲ ୧ ତାରିଖ ବୁଧବାର ଦିନ ଉତ୍କଳ ଦିବସରେ ଓଡ଼ିଶା ରାଜ୍ୟ ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଉତ୍ସାହ ଏବଂ ଉଲ୍ଲାସର ସହ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବକୁ ସମ୍ବୋଧିତ କରି କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ମୂଖ୍ୟ କୌଶିକ ବସୁ କହିଥିଲେ ଯେ 'ପାରାଦୀପ ରିଫାଇନେରୀ ଓଡ଼ିଶାର ଏକ ଅଂଶ ହୋଇଥିବା ଏକ ଗର୍ବର ବିଷୟ ଏବଂ ରାଜ୍ୟର ଅଭିବୃଦ୍ଧି ତଥା ବିକାଶ ପାଇଁ ପାରାଦୀପ ରିଫାଇନେରୀ ସର୍ବଦା ପ୍ରତିଶ୍ରୁତିବଦ୍ଧ"। ସେ ଓଡ଼ିଶାର ସମସ୍ତ ମହାପୁରୁଷ ମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଏବଂ ଗଭୀର ସମ୍ମାନ ପ୍ରଦାନ କରିଥିଲେ। ଉତ୍କଳ ଦିବସ




ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଶୁଭାରମ୍ଭ ହୋଇଥିଲା। ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭ୍ସ କ୍ଲବ୍ ପକ୍ଷରୁ ଓଡ଼ିଶାର ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'" ପରିବେଷଣ କରାଯାଇଥିଲା । ଏହା ପରେ ରାଜ୍ୟର କଳା ଏବଂ ସଂସ୍କୃତିର ସମୃଦ୍ଧିକୁ ପ୍ରଦର୍ଶିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାର ଅଂଶ ଭାବରେ ବିଶ୍ୱ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ, ପାରମ୍ପରିକ ଗୀତ ଏବଂ ଲୋକନୃତ୍ୟ ଗୁଡିକ ଏମ୍ପଲୋଇଜ କ୍ଲବ୍ ଏବଂ ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭ୍ସ କ୍ଲବ୍ ଏବଂ ବାହାରର କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । କମ୍ପାନୀର ଏଚଆର ମୂଖ୍ୟ ମହାପ୍ରବନ୍ଧକ ଧର୍ମେଶ ଚୌଧୁରୀ ଉପସ୍ଥିତ ଥିବା ସମ୍ମାନିତ ଅତିଥି, ସମସ୍ତ କଳାକାର, କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ସୁଶ୍ରୀ ମମତା ସାହୁ, ମହାପ୍ରବନ୍ଧକ (ଇଏମଏସ) ଧନ୍ୟବାଦ ଅର୍ପଣ କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବାଲିପାଟଣାରେ କମ୍ପ୍ୟୁଟର ଭ୍ୟାନ କ୍ୟାମ୍ପେନ ଅନୁଷ୍ଠିତ



ବାଲିପାଟଣା ( ମହାଭାରତ)ବାଲିପାଟଣା ରେ ଏଫ୍ଟିଇଏସ୍ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ଓଏସସି ଆଇ ଟି ଭ୍ୟାନ୍ କ୍ୟାମ୍ପେନ୍ ସଫଳତାର ସହ ଅନୁଷ୍ଠିତ ହୋଇ ଯାଇଛି। ଏହି କ୍ୟାମ୍ପେନ୍ର ମୂଳ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ କମ୍ପ୍ୟୁଟର ଶିକ୍ଷା, ଡିଜିଟାଲ ସାକ୍ଷରତା ଏବଂ ଓ ଏସ ସି ଆଇ ଟି କୋର୍ସ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା।ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ଜଣାଯାଇଥିଲା ଯେ ଓ ଏସ ସି ଆଇ ଟି ସାର୍ଟିଫିକେଟ୍ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ବହୁତ ଉପଯୋଗୀ ଏବଂ ବିଭିନ୍ନ ସରକାରୀ ଚାକିରି ପାଇଁ ନିହାତି ଆବଶ୍ୟକ। ବର୍ତ୍ତମାନ ସମୟରେ ଡିଜିଟାଲ ଜ୍ଞାନ ଓ କମ୍ପ୍ୟୁଟର ଶିକ୍ଷାର ଗୁରୁତ୍ୱ ବଢ଼ିଥିବାରୁ ଏହି କୋର୍ସ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ବହୁତ ଲାଭଦାୟକ ବୋଲି କୁହାଯାଇଥିଲା।ଏହି ଅଭିଯାନକୁ ସଫଳ କରିବାରେ ସଂସ୍ଥାର ପରିଚାଳକ ଶ୍ରୀ ଚନ୍ଦ୍ରଭାନୁ ସିଂହ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।ସଂସ୍ଥାର ଶିକ୍ଷକ/ଶିକ୍ଷୟିତ୍ରୀମାନେ ଯଥା ପ୍ରମୋଦ ଜେନା, ପୂର୍ଣ୍ଣିମା ସାଥୁଆ, ସୁଜିତ କୁମାର ଜେନା, ପ୍ରୀତିରଞ୍ଜନ ସାହୁ ଓ ପୁଷ୍ପାଞ୍ଜଳି ଭୋଳ ଏହି ଭ୍ୟାନ୍ କ୍ୟାମ୍ପେନ୍କୁ ସଫଳ କରିବାରେ ସମନ୍ୱୟ ରକ୍ଷା କରିଥିଲେ। ଏହି କ୍ୟାମ୍ପେନ୍ରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଲୋକମାନେ ଯୋଗଦେଇଥିଲେ। ସମସ୍ତେ ଡିଜିଟାଲ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ଏବଂ ଓଏସ ସି ଆଇ ଟି କୋର୍ସ ବିଷୟରେ ଜାଣି ଉତ୍ସାହିତ ହୋଇଥିଲେ।ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ଏପରି ଅନେକ ଶିକ୍ଷାମୂଳକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି।

## ସଫଳ ଷ୍ଟ୍ରବେରୀ ଚାଷୀ ଈଶ୍ୱର

କୋଇଡା (ମହାଭାରତ) : ଖଣି ଅଞ୍ଚଳରେ ଷ୍ଟ୍ରବେରୀ ଚାଷ । ଖଣି ଅଞ୍ଚଳ ପଥୁରିଆ ମାଟିରେ ହୋଇଛି ଲାଲ ଲାଲ ଷ୍ଟ୍ରବେରୀ। ଖାଇବାକୁ ଯେତିକି ସୁନ୍ଦର ଦେଖିବାକୁ ଖାଇବା ଠାରୁ ଆହୁରି ସୁନ୍ଦର । ସାରା ଖଣି ଅଞ୍ଚଳରେ ଏକ ମାତ୍ର ଷ୍ଟ୍ରବେରୀ ଚାଷ ହୋଇଛି ସଫଳ । ଷ୍ଟ୍ରବେରୀ ଚାଷକୁ ସଫଳ କରି ଦେଖାଇଛନ୍ତି କୋଇଡା ବ୍ଲକ ଡେଙ୍ଗୁଳା ପଞ୍ଚାୟତ ବନ୍ଦଲ ଗ୍ରାମର ସଫଳ ଚାଷୀ ଈଶ୍ୱର ନାଏକ । ନାମ ଯେମିତି ଈଶ୍ୱର କାମ ବି ସେମିତି ପରମେଶ୍ୱର ଯ ଈଶ୍ୱର ନାଏକ ଯେତେବେଳେ ଷ୍ଟ୍ରବେରୀ ଚାଷ ଆରମ୍ଭ କରିଥିଲେ ସେତେବେଳେ ଭାବି ନ ଥିଲେ କି ଷ୍ଟ୍ରବେରୀ ଏହି ପଥୁରିଆ ମାଟିରେ ଏତେ ସୁନ୍ଦର ହେବ । ଷ୍ଟ୍ରବେରୀ ଚାଷ ଈଶ୍ୱର ୟୁ ଟ୍ୟୁବ ଦେଖି ଶିଖିଥିବା ବେଳେ ଏବେ ସେ ପୁରା କୋଇଡା ଖଣି ଅଞ୍ଚଳରେ ପ୍ରଥମ ସଫଳ ଷ୍ଟ୍ରବେରୀ ଚାଷୀ । ଏହି ଚାଷ କରି ଈଶ୍ୱର କୋଇଡା ବଜାରକୁ ନେଇ



ବିକ୍ରି କରି ଭଲ ଦି ପଇସା ରୋଜଗାର କରି ଘର ଚଳାଉଛନ୍ତି । ଖଣି ଅଞ୍ଚଳରେ ଷ୍ଟ୍ରବେରୀ ଚାଷ ହୋଇଥିବା ଜାଣି ବିଭିନ୍ନ ଗ୍ରାମବାସୀଙ୍କ ସମେତ ନିକଟସ୍ଥ ଖଣିରେ ବାହାରୁ ଆସି ଚାକିରୀ କରିଥିବା ଖଣି କର୍ମଚାରୀ ମାନେ ଷ୍ଟ୍ରବେରୀକୁ ଦେଖିବା ପାଇଁ ଭିଡ ଲାଗୁଥିବା କହିଛନ୍ତି ଈଶ୍ୱର । ସେ ଆହୁରି କହିଛନ୍ତି ଯେଉଁମାନେ ତାଙ୍କ ଚାଷ ଦେଖିବାକୁ ଆସନ୍ତି ସେମାନଙ୍କୁ ଷ୍ଟ୍ରବେରୀ ଖାଇବାକୁ ଦିଅନ୍ତି ଓ ଷ୍ଟ୍ରବେରୀ ଦେଖିବା ସହିତ ସେମାନେ ଫୋଟୋ ଉଠାଉଛନ୍ତି ଯାହା ତାଙ୍କୁ ବହୁତ ଖୁସି ଲାଗୁଛି । ଚାଷ ପାଇଁ ଆଗ୍ରହୀ ଥିବା ଅଖ ପାଖ ଅଞ୍ଚଳର ଅନେକ ଲୋକ ଈଶ୍ୱରଙ୍କ ଫସଲ ବୁଲିବା ସହ ତାଙ୍କ ଠାରୁ ପ୍ରାକୃତିକ ଚାଷ ପ୍ରଣାଳୀ ବିଷୟରେ ପଚାରି ବୁଝୁଛନ୍ତି । କୋଇଡା ଖଣି ଅଞ୍ଚଳରେ ଏହି ପଥୁରିଆ ମାଟିରେ ଈଶ୍ୱର ବୁଣିଥିବା ଏହି ସବୁଜ ସ୍ୱପ୍ନ ଆଜି ସାରା କୋଇଡା ଖଣି ଅଞ୍ଚଳର ଚାଷୀଙ୍କୁ ଏକ ନୂଆ ଦିଗ ଦେଖାଇଛି । ତେବେ ଚାଷକୁ ଆହୁରି ଅଧିକ କରିବା ସହିତ ସରକାରଙ୍କ ତରଫରୁ ଆହୁରି ସହଯୋଗ ମିଳିଲେ ସେ ନିଶ୍ଚିତ ଭାବରେ ଅଧିକରୁ ଅଧିକ ଷ୍ଟ୍ରବେରୀ ଚାଷ କରିବେ ବୋଲି କହିଛନ୍ତି ।

## ନାରାୟଣପଟଣା ଉତ୍କଳ ଦିବସ ପାଳନ



ନାରାୟଣପାଟଣା ଗ୍ରାମ ପଞ୍ଚାୟତ ଠାରେ ଓଡ଼ିଆ ପକ୍ଷ ଦିବସ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀ ଗୋଲାପି ତ୍ରିନାଥ ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିକ୍ରମ କୁମାର ଦୋରା, ସ୍ଥାନୀୟ ସରପ□ ଶ୍ରୀମତୀ ରେବତୀ କୁନ୍ଦାରିଆ, ବିଜେପି ସଭାପତି ଶ୍ରୀ କାଶୀନାଥ ହିକକା, ସମସ୍ତ ୱାର୍ଡ ମେମ୍ବର, ଗଣମାଧ୍ୟମ, ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅତିଥି ମାନଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରି ସମ୍ମାନିତ କରାଗଲା।ପରେ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପ ମାଲ୍ୟାର୍ପଣ କରି ବନ୍ଦେ ଉତ୍କଳ ଜନନୀ ଗୀତ ଗାନ କରାଗଲା। ଯେଉଁ ମହାନ ପୁରୁଷଙ୍କର ଓଡ଼ିଶା ପ୍ରଦେଶ ଗଠନ କରିବାରେ ମୁଖ୍ୟ ଭୂମିକା ଥିଲା, ସେମାନଙ୍କ ଉଦ୍ଦେଶ୍ୟରେ ଅତିଥି ମାନେ ନିଜର ଅଭିଭାଷଣ ରଖିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଉପସ୍ଥିତ ସମସ୍ତଙ୍କୁ ଏପ୍ରିଲ୍ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ଦିବସ ପାଳନ କରିବା ପାଇଁ ଆହ୍ୱାନ କରାଗଲା। ବରିଷ୍ଠ ସାମ୍ବାଦିକ ଭୂଷିତ ବିଡ଼ିକା ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ନାରାୟଣପଟଣା ମାଟିର ବୀର ବୀର ପୁତ୍ର ଗୋପାଳ ଭାଣ୍ଡି ଏସ ଏନ ଗିରିଶ ଙ୍କ ସୁରକ୍ଷା ଦାଇତ୍ୱ ଥିବାବେଳେ ନକ୍ସଲ ଙ୍କ ଦ୍ୱାରା ବିଚ୍ଛାଯାଇଥିବା ଲାଣ୍ଡ ମାଇନ୍ସ ରେ ଜୀବନ ଯାଇଥିଲା। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କାରିବାକୁ ପାସ୍ତାବ ଦେଇଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ତୁଳ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ।

## ମାଲକାନଗିରି ଜିଲ୍ଲାରେ ଜନଗଣନା-୨୦୨୭ ପାଇଁ ପ୍ରସ୍ତୁତି ଜୋରଦାର

### ଜିଲ୍ଲାପାଳଙ୍କ ଦ୍ୱାରା ଜନଗଣନା ରଥର ଶୁଭାରମ୍ଭ



ମାଲକାନଗିରି, (ମହାଭାରତ):ଆସନ୍ତା ୨୦୨୭ ଜନଗଣନାକୁ ସଫଳ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଜନଗଣନା ରଥ-୨୦୨୭ ର ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ମାଧ୍ୟମରେ ଗୃହ ଗଣନା ଓ ଜନଗଣନା ପ୍ରକ୍ରିୟା ବିଷୟରେ ଲୋକଙ୍କୁ ଅବଗତ କରାଯିବ। ଚଳିତ ଜନଗଣନା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ।ଡିଜିଟାଲ୍ ସ୍ୱ-ଗଣନା ମାଧ୍ୟମରେ ଏପ୍ରିଲ ୧ ରୁ ୧୫ ତାରିଖ ମଧ୍ୟରେ ଜନସାଧାରଣ ନିଜେ ପୋର୍ଟାଲ୍ ବ୍ୟବହାର କରି ନିଜ ତଥ୍ୟ ଅନ୍ଲାଇନ୍ରେ ଦେଇପାରିବେ।କ୍ଷେତ୍ର ସ୍ତରୀୟ ଗଣନା ପାଇଁ ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ଗଣନାକାରୀମାନେ ଘରକୁ ଘର ବୁଲି ୩୩ଟି ପ୍ରଶ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ।ଏହି ବୃହତ କାର୍ଯ୍ୟ ପାଇଁ ଜିଲ୍ଲାରେ ୧୨୭୯ ଜଣ ଗଣନାକାରୀ ଏବଂ ୨୨୨ ଜଣ ନିରୀକ୍ଷକ ନିୟୋଜିତ ହୋଇଛନ୍ତ। ଏପ୍ରିଲ ୧ ତାରିଖ ଠାରୁ ଏପ୍ରିଲ ୧୫ ସ୍ୱଗଣନା ଏବଂ ଏପ୍ରିଲ ୧୭ ରୁ ମେ ୧୫ ଏହି ତିରିଶି ଦିନ ପାଇଁ ପ୍ରକୃତ ଗୃହଗଣନା ଘରେ ଘରେ ହେବ। ଜନଗଣନା ଆସନ୍ତା ଫେବୃଆରୀ ୨୦୨୭ ରେ ହେବ । ରଥ ଶୁଭାରମ୍ଭ ସମୟରେ ଜିଲ୍ଲା ଜନଗଣନା ଅଧିକାରୀ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପଖଣ୍ଡ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଡେପୁଟି ଜନଗଣନା ଅଧିକାରୀ ମୁନା ତୁରୁକ୍ ଏବଂ କେନ୍ଦ୍ରୀୟ ପ୍ରଭାରୀ ଅକ୍ଷୟ ମୁଦଗଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ଓ ରାଜ୍ୟର ଭବିଷ୍ୟତ ଯୋଜନା ପାଇଁ ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଜନସାଧାରଣ ସଠିକ୍ ତଥ୍ୟ ପ୍ରଦାନ କରି ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

## ବିଜେପୁରଠାରେ ସିଆରପିଏଫ ୧୨ ବାଟାଲିୟନ ପକ୍ଷରୁ ସିଭିକ୍ ଆକ୍ସନ ଜନ ସମ୍ପର୍କ କାର୍ଯ୍ୟକ୍ରମ

ଲାଞ୍ଜିଗଡ,(ମହାଭାରତ ) କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ସ୍ଥିତ ସିଆରପିଏଫ କ୍ୟାମ୍ପ ଠାରେ ସିଆରପିଏଫ ୧୨ ବାଟାଲିଆନ ପକ୍ଷରୁ ସିଭିକ୍ ଆକ୍ସନ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆରପିଏଫ କମାଡେ□ ଏସ ଏଚ ଏନ କେକେ ପ୍ରସାଦ ଯୋଗଦେଇ ଅଞ୍ଚଳବାସୀଙ୍କ ଦୁଃଖଶୁଖରେ ସାଥୀହୋଇ ତାଙ୍କର ସୁରକ୍ଷା ଦିଗରେ ସର୍ବଦା ସହଯୋଗର ହାତ ବଢ଼ାଇବା ପାଇଁ ଯବାନମାନେ ସବୁବେଳେ ତତ୍ପର ବୋଲି ପ୍ରକାଶ କରିଥିଲେ।ସମ୍ମାନୀତ ଅତିଥି ଭାବେ ବିଜେପୁର ସରପଞ୍ଚ ଜନନୀ ମାଝୀ,ଜିଲ୍ଲା ପରିଷଦ ପରକ୍ଷୀତ ନାଏକ ଏଥିରେ ବିଜେପୁର ପଞ୍ଚାୟତ ଅଞ୍ଚଳର ବିଜେପୁର ,ମେଲବାହାଲି , ଦାନାରା ଗୁଡା ,ଫୁଙ୍କେର ,ପ୍ରଧାନୀ ପଡା , ତଳକାନିମା , ଗ୍ରାମର ଲୋକେ ଉପସ୍ଥିତ ଥିଲେ।ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ଛତୁ ଚାଷ ଉପକରଣ, ମହୁ ଚାଷ ଉପକରଣ, ଧୂପ ପକାଠି ଓ ଖଲି ପ୍ରସ୍ତୁତ ମସିନ ବଣ୍ଟନ କରାଯାଇଥିଲା। ଶ୍ରୀ ମୋନଜ କୁମାର ମାରମତ ଆସିଷ୍ଟାନ କୋମାଣ୍ଡେ□ ରାଜେସ, ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ ସହିତ ସମସ୍ତ ଯବାନ ସହଯୋଗ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ।ଏହି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଅଞ୍ଚଳର ଲୋକମାନଙ୍କ ଭୟକୁ ଦୂର କରିବା ସହିତ ଲୋକଙ୍କ ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ ଉପରେ ଏକ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ବଢାଇବେ ବୋଲି ଆଶାବ୍ୟକ୍ତ କରି ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ସିଆରପିଏଫ୍ କମାଡେ□ ଏସ ଏଚ ଏନ କେକେ ପ୍ରସାଦ।

## ପରଟା ଗାଁରେ ଦୀର୍ଘବର୍ଷ ପରେ ଏବେ ନୂତନ ସଭାପତି



ସେମିଳିଗୁଡ଼ା:(ମହାଭାରତ) କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ପଞ୍ଚାୟତର ପରଟା ଗାଁରେ ଦୀର୍ଘବର୍ଷ ପରେ ଏବେ ବର୍ତ୍ତମାନ ଗାଁର ୱାର୍ଡମେମ୍ବର ଏବଂ ଗ୍ରାମବାସୀଙ୍କ ଉପସ୍ଥିତରେ ନାୟକ, ବାରିକ, ଚଲାଣ ସର୍ବସାଧାରଣଙ୍କ ମଧ୍ୟରେ ତିନି ଖଣ୍ଡ ଗ୍ରାମବାସୀ ମିଶି ନୂତନ ସଭାପତି ନାୟକ ବାରିକ ନିର୍ବାଚିତ କରିଛନ୍ତି। ଏହି ପରଟା ଗ୍ରାମର ନାୟକ ,ବାରିକ, ଚଲାଣଙ୍କ ନେତୃତ୍ୱରେ ପରଟା ଗାଁରେ ନୂତନ ସଭାପତି ନାୟକ ମାଧବ ଗୋଲରୀ ,ଚଲାଣ ରାମ ଖରାଙ୍କୁ ଗାଁର ଲୋକେ ବାଛି ନିର୍ବାଚିତ କରିଛନ୍ତି।ଏହି ଗ୍ରାମର ୱାର୍ଡ ମେମ୍ବର ଗବର୍ଦ୍ଧନ ଖିନବୁଡ଼ି,ଧନର୍ଜୟ କ୍ରିଶାନୀ,ରବି ତାଲିଆ,ନରସିଂହ କନ୍ତେରୀ, ପୂଜକ ରବି ପ୍ରଧାନୀ, ଧନ କନ୍ତେରୀ,ପଦ୍ମମନ ଲୋକେଇ, ମଧୁ ହନ୍ତାଳ ଏହି ଗାଁର ଉପସ୍ଥିତରେ ମନୋନୀତ କରିଛନ୍ତି। ପର୍ବପର୍ବାଣୀ ରୀତିନୀତି ହେଲେ ଗାଁର ନାୟକ, ବାରିକ, ଚଲାଣ ମୁକିଆ ଦାୟିତ୍ୱ ତୁଲାଇବାକୁ ଗ୍ରାମବାସୀ କହିଛନ୍ତ। ଏହି ପରମ୍ପରା ଅନୁସାରେ ଗାଁରେ କାର୍ଯ୍ୟ କରିବା ପାଇଁ ଗ୍ରାମବାସୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଧର୍ମ ପରିବର୍ତ୍ତନ କଲେ ବୋଲି ଶବକୁ ମିଳିଲାନି ସମ୍ମାନ



ଜଣେ ୯୦ ବର୍ଷିଆ ବୃଦ୍ଧା ଙ୍କ ମୃତ୍ୟୁ କୁ ନେଇ ୨୪ ଘଣ୍ଟା ରୁ ଅଧିକ ହେବ ଶବ ପଡି ରହିବା ଏବେ ଉମରକୋଟ ପୋଲିସ ପ୍ରଶାସନ ର ମୁଣ୍ଡ ବିନ୍ଧା ର କାରଣ ହେଇଛି। ଘଟଣା ଟି କିଛି ଏମିତି। ସୂଚନା ଅନୁଯାୟୀ ଉମରକୋଟ ଥାନା ପୂଜାରିଭରଣ୍ଡୀ ଗ୍ରାମ ର ଚଇତି ହରିଜନ ନାମକ ବୃଦ୍ଧା ଙ୍କ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହେଇଥିଲା। ଚଇତି ଅନ୍ୟ ସମ୍ପ୍ରଦାୟ ର ହେଇଥିବାରୁ ଗାଁ ଲୋକେ ସ୍ଥାନୀୟ ମଶାଣି ରେ ଶବ ସଂସ୍କାର କରିବାକୁ ବାରଣ କରିଥିଲେ। ଯେଉଁଥି ପାଇଁ ଦୀର୍ଘ ୨୪ ଘଣ୍ଟା ରୁ ଉର୍ଦ୍ଧ ହେବ ଶବ ସଂସ୍କାର ନହୋଇ ପଡିରହିଥିବା ମୃତକ ଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେପଟେ ଗାଁ ଲୋକ ଙ୍କ କହିବା ଅନୁଯାୟୀ ପୂର୍ବରୁ ଏହି ପରିବାର ହିନ୍ଦୁ ଥିବା ବେଳେ ଏବେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବାରୁ ଆମ ମାଟି ରେ ଶବ ପୋତିବାକୁ ଦେବୁ ନାହିଁବୋଲି ଅଡ଼ି ବସିଛନ୍ତି।ଗ୍ରାମ ବାସୀ ଙ୍କ କହିବା ଅନୁଯାୟୀ ଗାଁ ରେ ଆମେ ଦେବା ଦେବୀ ଙ୍କ ସହ ମାଟି ଦେବତା କୁ ମାନୁଛୁ।ସେମାନେ ଅନ୍ୟ ସମ୍ପ୍ରଦାୟ ର ହେଇଥିବାରୁ ଆମ ମାଟିରେ କବର ଦେବାକୁ ଦେବୁ ନାହିଁ ବୋଲି ଜିଦ ରେ ଅଡ଼ି ବସିଛନ୍ତି।ସେପଟେ ଘଟଣା ର ତୀବ୍ରତାକୁ ଦେଖି ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଂଚି ଉଭୟ ପକ୍ଷକୁ ରାଜି କରାଇବାକୁ ପ୍ରୟାସ ଜାରି ରଖିଛି ଓ ଗ୍ରାମ ବାସୀଙ୍କୁ ସଂଯମତା ପାଇଁ ଅପିଲ କରିଛି।କୌଣସି ସମାଧାନ ର ସୂତ୍ର ବାହାରି ନଥିବାରୁ ଶବ ପଡିରହିଥିବା ଜଣା ପଡ଼ିରହିଛି।

## ୯୧ ତମ କପ୍ତିପଦା ଉପଖଣ୍ଡସ୍ତରୀୟ ଓଡିଶା ଦିବସ

ଉଦଳା, (ମହାଭାରତ ):୯୧ ତମ କପ୍ତିପଦା ଉପଖଣ୍ଡସ୍ତରୀୟ ଓଡିଶା ଦିବସ - ୨୦୨୬ ଉଦଳା ଠାରେ ମହାସମାରୋହରେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଅବସରରେ ସର୍ବପ୍ରଥମେ ପ୍ରତ୍ୟୁଷ ଘ.୪.୩୦ ମି.ରୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଉଦଳା ସହରାଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏକ ବର୍ଣ୍ଣାଢ୍ୟ ପରିବେଶରେ ପ୍ରଭାତଫେରୀ କରାଯିବା ପରେ ସକାଳ ୭ ଘଟିକା ସମୟରେ ପ୍ରଥମେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ଓ ଧୂପଦୀପ ପ୍ରଦାନ କରାଯିବା ପରେ ବୀର ବିର୍ସାମୁଣ୍ଡା, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ,ଡ. ବି.ଆର.ଆମ୍ବେଦକର, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ସର୍ବଶେଷରେ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଧୂପଦୀପ ପ୍ରଦାନ କରାଯାଇଥିଲା । ସହର ମଧ୍ୟରେ ଥିବା ସମସ୍ତ ପ୍ରତିମୂର୍ତ୍ତୀ ଗୁଡିକ ସମ୍ମୁଖରେ ଉପଖଣ୍ଡର ୪ ଜଣ ସିଡିପିଓଙ୍କ ତରଫରୁ ରଙ୍ଗୋଲି ବ୍ୟବସ୍ଥା କରାଯାଇଥିଲା । ଉକ୍ତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଜିଲ୍ଲପାଳ, ଏନଏସି ଅଧକ୍ଷା, ବ୍ଲକ ଅଧକ୍ଷା, ପ୍ରକଳ୍ପ ପ୍ରଶାସକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଗଣମାଧ୍ୟମ ପ୍ରତିନିଧି ତଥା ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗ ଦେଇ ଛାତ୍ରଛାତ୍ରଙ୍କ ଗହଣରେ ମାଲ୍ୟାର୍ପଣ କରିଥିଲେ।

## ଧରଣୀଧର ପବ୍ଲିକ ସ୍କୁଲ ରେ ଉତ୍କଳ ଦିବସ ପାଳିତ



ଅନୁଗୋଳ ଜିଲ୍ଲା କିଶୋର ନଗର ବ୍ଲକ ଅନ୍ତର୍ଗତ ଧରଣୀଧର ପବ୍ଲିକ ସ୍କୁଲ ବଇଣ୍ଡା (ଗୋବିନ୍ଦପୁର ) ଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବରେ ( ଅବସର ପ୍ରାପ୍ତ ଆଇ ଆଇ ସି) ଅର୍ଜୁନ କୁମାର ସାହୁ ବିଦ୍ୟାଳୟର ଅଧକ୍ଷ ଚିତ ବିହାରୀ ମହାପାତ୍ରଓ ବିଦ୍ୟାଳୟର ଚେୟାରମେନ ପ୍ରିୟରଞ୍ଜନ ସାହୁ ସଭା ସଞ୍ଚାଳନ କରିଥିଲେ ବିଦ୍ୟାଳୟର ଛାତ୍ରୀ ସାଇଲକ୍ଷ୍ମୀ ଦେହୁରୀ, ଏବଂ ରିଷ୍ମା ମଞ୍ଜରୀ ସାହୁ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ନବୀନ କୁମାର ନାୟକ, ସୁଶାନ୍ତ କୁମାର ଦେ, ଦେବାଶିଷ ସାହୁ, ମାନସ କୁମାର ସଠୁଆ, ଜଗଦୀଶ ପାତ୍ର, ହିମାଂଶୁ ସାହୁ, ସୁଜାତା ସାହୁ, ରତ୍ନାମୟୀ ସାହୁ, ମମତା ବୋଷ, ଦୀପ୍ତିମୟୀ ମିଶ୍ର, ପିନାକୀ ସାହୁ, ଅଳକା ଦେହୁରୀ , ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଗଣ ଉପସ୍ଥିତ ଥିଲେ। ଉତ୍କଳ ଦିବସ ପାଳନ ଅବସରରେ ବିଦ୍ୟାଳୟକୁ ପିଲାମାନଙ୍କର ଜେଜେବାପା ଜେଜେମା ତଥା ଅଭିଭାବକ ଅଭିଭାବିକା ଆସିଥିଲେ।ତା ସହିତ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲାୟ ଛାତ୍ର ଓ ଛାତ୍ରୀ ମାନେ ଉତ୍କଳ ଦିବସ ଅବସରରେ କିଛି ଅଭିଭାଷଣ ପ୍ରଦାନ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଓଡିଶା ଦିବସ

ଗଜପତି(ମହାଭାରତ): ଗଜପତି ଉତ୍କଳ ସାମ୍ବାଦିକ ସଂଘ ଗଜପତି ସାଖା ପକ୍ଷରୁ କାଶୀନଗର ସ୍ଥିତ ବିଜୁକଲ୍ୟାଣ ମଣ୍ଡପ ପରିସରରେ ଓଡିଶା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗଜପତି ଜିଲ୍ଲାପରିଷଦ ଅଧକ୍ଷ ଜି ତିରୁପତି ରାଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କାଶୀନଗର ବ୍ଲକ ଅଧକ୍ଷା ବାଲ୍ ସାଇ ଆମା , କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ଯୋଗ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସଂଘର ସଭାପତି ଦ୍ୱିଯେନ୍ଦ୍ରନାଥ ପାଢ଼ୀ, ସମ୍ପାଦକ ସରୋଜ ବୀର , ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ହୃଷିକେଶ ଗୌଡ ପ୍ରମୁଖ ମଞ୍ଚାସିନ ଥିଲେ।

## ଜିଲ୍ଲା ସ୍ତରୀୟ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ




ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡା ରିଜର୍ଭ ପୋଲିସ ପଡିଆ ଠାରେ ଗଜପତି ଜିଲ୍ଲା ସ୍ତରୀୟ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ସେ ତାଙ୍କ ବକ୍ତବ୍ୟରେ ପୋଲିସ ସର୍ବଦା ସମାଜର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିଆସୁଛି ବୋଲି କହିଥିଲେ । ଏହି ଅବସରରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ । ଉଲ୍ଲେଖନୀୟ ସେବା ପାଇଁ ପ୍ରଶଂସିତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ପୋଲିସ ଅଧିକାରୀଙ୍କ ସମେତ ଓ ବହୁ ଅବସରପ୍ରାପ୍ତ ଅଧିକାରୀ ଯୋଗ ଦେଇଥିଲେ। ଏନେଇ ଅତିରିକ୍ତଆରକ୍ଷୀ ଅଧୀକ୍ଷକ ଶ୍ରୀ ମହାନ୍ତି କହିଛନ୍ତି ଯେ ଏହି ମାଟି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଏକୁଡିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ସହ ଏହି ମାଟିର ସନ୍ତାନ ରାମକୃଷ୍ଣ ପାଢୀ ରାଜ୍ୟର ପ୍ରଥମ ଓଡିଆ ପୋଲିସ ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିଲେ । ଏପରି ସ୍ଥାନରେ ପବିତ୍ର ଉତ୍କଳ ଦିବସ, ପୋଲିସ ପ୍ରତିଷ୍ଠା ଦିବସ ପାଳନ କରିବା ଆମ୍ଭ ପାଇଁ ସ୍ମରଣୀୟ ହୋଇ ରହିବ । ଆଜିର ପବିତ୍ର ଦିବସରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଥିବାର କହିଥିଲେ ।

## ଜିଲ୍ଲାର ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ସମ୍ମାନୀତ ହେଲେ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା



ନୟାଗଡ(ମହାଭାରତ): ନୟାଗଡ଼ ଜିଲ୍ଲାରେ ଜଣେ କର୍ତ୍ତବ୍ୟନିଷ୍ଠ, ଦକ୍ଷ ଏବଂ ଜନପ୍ରିୟ ପୋଲିସ ଅଧିକାରୀ ଭାବେ ଦଶପଲ୍ଲାରେ ନିଯୁକ୍ତ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କୁ ସମ୍ମାନୀତ କରାଯାଇଛି। ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜିତ ଓଡିଶା ପୋଲିସ ଦିବସର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଏହି ଶ୍ରେଷ୍ଠ ଥାନା ଅଧିକାରୀ ପୁରସ୍କାର ପ୍ରଦାନ କରାଯାଇଛି ।ଶ୍ରୀ ପରିଡ଼ା ଦଶପଲ୍ଲା ଥାନାରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏହି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ବ୍ୟାପକ ସୁଧାର ଆସିଛି। ବିଶେଷ କରି ଅପରାଧ ନିୟନ୍ତ୍ରଣ, ଚୋରି ଓ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ଦିଗରେ ସେ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ସହିତ ଲୋକଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ଏବଂ ପୋଲିସ ପ୍ରତି ସାଧାରଣ ଜନତାଙ୍କ ମଧ୍ୟରେ ଭୟ ଦୂର କରି ଭରସା ସୃଷ୍ଟି କରିବାରେ ସେ ସଫଳ ହୋଇଛନ୍ତି ।ତାଙ୍କର ଏହି ସଫଳତା ପାଇଁ ଦଶପଲ୍ଲା ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ଓ ସ୍ଥାନୀୟ ବାସିନ୍ଦା ସୁଭେଚ୍ଛା ଜଣାଇଛନ୍ତି। ଜଣେ ନିଷ୍ଠାବାନ ଅଧିକାରୀ ଭାବେ ସେ ସର୍ବଦା ଜନସାଧାରଣଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ଏହି ସମ୍ମାନ ମିଳିବା ପରେ ସେ କହିଛନ୍ତି ଯେ, ଏହି ପୁରସ୍କାର ମୋର ଦାୟିତ୍ୱବୋଧକୁ ଆହୁରି ବଢ଼ାଇ ଦେଇଛି ଏବଂ ଆଗାମୀ ଦିନରେ ଜନତାଙ୍କ ସେବା ପାଇଁ ମୁଁ ଆହୁରି ନିଷ୍ଠାର ସହ କାର୍ଯ୍ୟ କରିବି। ଏହି ସମ୍ମାନଜନକ ଉତ୍ସବରେ ଜିଲ୍ଲାର ଅନ୍ୟ ବରିଷ୍ଠ ପୋଲିସ ପଦାଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଘରେ ପଶି ଆକ୍ରମଣ କଲେ ଦୁର୍ବୃତ୍ତ, ଜଣେ ମହିଳା ମୃତ

ଛତିଶଗଡ଼ : ଛତିଶଗଡ଼ ରତନପୁର ଅଞ୍ଚଳରେ ପେଣ୍ଡରଓ୍ୱା ଗ୍ରାମ ପଞ୍ଚାୟତରେ ହୃଦୟ ବିଦାରକ ଘଟଣା ଘଟିଛି । ଘରେ ପଶି କିଛି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି । ଏଥିରେ ଜଣେ ବୟସ୍କା ମହିଳାଙ୍କ ମୃତ୍ୟୁ ହୋଇଛି । ରତନପୁରରେ ପେଣ୍ଡରଓ୍ୱା ଗ୍ରାମପଞ୍ଚାୟତରେ ଥିବା ଗୋଟିଏ ଘରେ କିଛି ଦୁର୍ବୃତ୍ତ ପଶି ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଘରେ ଥିବା ବୟସ୍କା ମହିଳା ଜଣକର ଜୀବନ ଚାଲିଯାଇଥିଲା । ଘଟଣାରେ ମୋଟ୍ ୯ ଜଣ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ହସପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ଆହତ ମାନଙ୍କ ମଧ୍ୟରେ ରେହାନା ବେଗମ, ଶହନାମ ବେଗମ, ଶେଖ ସୁହାନ, ପରୀ ପରଓ୍ବିନ, ଅଲିଶା ପରଓ୍ୱିନ, ଆହିସ୍ତା ପରଓ୍ୱିନ, ସନା ପରଓ୍ୱିନ ଏବଂ ଶେଖ ସଦ୍ଦିର ସାମିଲ ରହିଛନ୍ତି । ସମସ୍ତ ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କର ଚିକିତ୍ସା ଚାଲିଛି । ତେବେ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକମାନେ ଭୟଭୀତ ରହିଛନ୍ତି ।

## ଗୁଜରାଟରେ ୧୦ ଦିନ ଭିତରେ ୩ଥର ଭୂକମ୍ପ ଝଟକା ଅନୁଭୂତ, ଥରିଲା ନବସାରୀ ଜିଲ୍ଲା



ଗୁଜରାଟ : ଗୁଜରାଟର ନବସାରୀ ଜିଲ୍ଲାରେ ସକାଳୁ ସକାଳୁ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୩.୪ ରହିଥିଲା । ଭୂକମ୍ପ ଝଟକା ସକାଳ ୫ଟା ୨୭ ମିନିଟରେ ଆସିଥିଲା । ଯାହାର କେନ୍ଦ୍ର ବାସନ୍ଦାରୁ ୨୨ କିମି ପୂର୍ବ ଦକ୍ଷିଣପୂର୍ବରେ ରହିଥିଲା । ସ୍ଥାନୀୟ ଅଧିକାରୀଙ୍କ କହିବା ମୁତାବକ, ଭୂକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି ହୋଇନାହିଁ । ଗତ ୧୦ ଦିନ ଭିତରେ ଗୁଜରାଟରେ ୩ ଥର ଭୂକମ୍ପ ଝଟକା ଅନୁଭୂତ ହେଲାଣି । ଏହାପୂର୍ବରୁ ଅମରୋଲୀ ଜିଲ୍ଲାରେ ରବିବାର ୩.୧ ତୀବ୍ରତାର ଭୂକମ୍ପ ଆସିଥିଲା । ଭୂକମ୍ପ ଝଟକା ୪.୧୦ ମିନିଟରେ ଆସିଥିଲା । ଗତ ୬ ଦିନ ତଳେ ଲଦାଖରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୩.୯ ଥିଲା । ଭୂକମ୍ପ ସକାଳ ୮ଟା ୩୧ ମିନିଟ ସମୟରେ ଅନୁଭୂତ ହୋଇଥିଲା । ସୂଚନାଯୋଗ୍ୟ, ଆଜି ସକାଳେ ଇଣ୍ଡୋନେସିଆରେ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୭.୪ ରହିଛି । ସକାଳ ୬.୪୮ ମିନିଟରେ ମୋଲୁକା ସାଗରରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପ ପରେ ପ୍ରଶାନ୍ତ ମହାସାଗରରେ ସୁନାମି ସତର୍କତା ଜରି କରାଯାଇଛି । ସମୁଦ୍ରରେ ୧ ମିଟର ଉଚ୍ଚର ଲହରୀ ଆସିବାର ଆଶଙ୍କା ରହିଛି ।

## ବାପାକୁ ପିସ୍ତଲ ଦେଖାଇ ୧୦ ଲକ୍ଷ ଲୁଟିନେଲା ପୁଅ

ନୂଆଦିଲ୍ଲୀ : ବାପାକୁ ପିସ୍ତଲ ଦେଖାଇ ଟଙ୍କା ଲୁଟ୍ କରୁଥିଲା ପୁଅ । ଏବେ ପୋଲିସ ହାତରେ ଧରାପଡିଲା । ଦିଲ୍ଲୀର ଲକ୍ଷ୍ମୀ ନଗର ଅଞ୍ଚଳରେ ୧୦ ଲକ୍ଷ ଟଙ୍କା ଲୁଟ୍ ମାମଲାରେ ପୋଲିସକୁ ୨୪ ଘଣ୍ଟା ଭିତରେ ସଫଳତା ମିଳିଛି । ପୋଲିସ ଅଭିଯୁକ୍ତକୁ ଗିରଫ କରିବା ସହିତ ଟଙ୍କା ଏବଂ ସ୍କୁଟି ଜବତ କରିଛି । ଖବର ମୁତାବକ, ୩୧ ମାର୍ଚ୍ଚରେ ଦିଲ୍ଲୀର ଲକ୍ଷ୍ମୀ ନଗର ଅଞ୍ଚଳରେ ପୋଲିସ ପିସିଆରକୁ ଏକ କଲ୍ ମିଳିଥିଲା । ଏଥିରେ କୁହାଯାଇଥିଲା କି, ଦୁଇ ଜଣ ଅଜ୍ଞାତ ଲୋକ ମୁହଁରେ କପଡା ଭିଡି ଗୁଳି କରି ୧୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ସୂଚନା ମିଳିବା ପରେ ଲକ୍ଷ୍ମୀ ନଗର ଥାନା ମାମଲାରେ ଦାୟର କରି ଯାଞ୍ଚ ଆରମ୍ଭ କରିଥିଲା । ଘଟଣାକୁ ଦେଖି ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା । ଏହାପରେ ପୋଲିସ ୨୦୦ରୁ ଅଧିକ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ଆଉ ଯାଞ୍ଚରୁ ଜାଣିବାକୁ ପାଇଥିଲା କି, ଲୁଟର ଶିକାର ହୋଇଥିବା ବ୍ୟକ୍ତିଙ୍କ ପୁଅ ଘଟଣାରେ ସାମିଲ ରହିଛନ୍ତି । ପୋଲିସ ନିକଟରେ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ଗିରଫ କରିଥିଲା । ତେବେ ଲୁଟର ଶିକାର ହୋଇଥିବା ବ୍ୟକ୍ତିଙ୍କ ପୁଅ ଏବଂ ତା ସାଙ୍ଗ ୪୫ ହଜାର ଟଙ୍କାରେ ପିସ୍ତଲ କିଣି ଯୋଜନା କରିଥିଲେ । ପୋଲିସ ଖବର ପାଇଁ ଏମାନଙ୍କୁ ଗିରଫ କରିବା ସହିତ ଟଙ୍କା, ପିସ୍ତଲ ଏବଂ ସ୍କୁଟିକୁ ଜବତ କରିଛି । ପୋଲିସ ମୁତାବକ, ଗିରଫ ହୋଇଥିବା ୩ ଯୁବକଙ୍କର କୌଣସି ଅପରାଧିକ ରେକର୍ଡ ନାହିଁ । ଏମାନେ ଜଲଦି ପଇସା କମାଇବା ଏବଂ ବିଳାସପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ଏଭଳି କରିଥିଲେ ।



# ମୁଁ କିଛି ଜାଣିନାହିଁ, ଏହା ବିଜେପିର ଗେମପ୍ଲାନ୍: ମମତା



କୋଲକାତା: ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ କିଛି ଆନ୍ଦୋଳନକାରୀ ବନ୍ଧକ ରଖିବା ଘଟଣାକୁ ନେଇ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟ ଏଥିପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏଭଳି ଘଟଣା ପୂର୍ବ ଯୋଜନାବଦ୍ଧ ଏବଂ ଉଦ୍ଦେଶ୍ୟମୂଳକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିବା ସହ ଏହି ଘଟଣାରେ ଏନ୍ଆଇଏ ଏବଂ ସିବିଆଇ ଦ୍ୱାରା ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାପାଇଁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘଟଣା ପାଇଁ ବିଜେପିକୁ ଦାୟୀ କରିଛନ୍ତି। ସାଗରଡିହିରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଟିଏମ୍‌ସି ସୁପ୍ରିମୋ ମମତା ଏହି ଘଟଣାରେ ତାଙ୍କ ପ୍ରତିକ୍ରିୟା ରଖି ରାଜ୍ୟ ସରକାରଙ୍କୁ ଏହି ଘଟଣାରୁ ଦୂରେଇ ରଖିଛନ୍ତି। ଏସ୍‌ଆଇଆରକୁ ନେଇ ଲୋକଙ୍କ କ୍ରୋଧ ଯୋଗୁ ଏଭଳି ଘଟଣା ଘଟିଛି ବୋଲି ସେ କହିଛନ୍ତି।

ମମତା କହିଛନ୍ତି, କେଉଁମାନେ ନ୍ୟାୟିକ ଅଧିକାରୀଙ୍କୁ ଘେରାଉ କରିଛନ୍ତି ମୁଁ ଜାଣିନାହିଁ। କିନ୍ତୁ ଲୋକମାନେ ଏସ୍‌ଆଇଆରକୁ ନେଇ ଖୁବ୍ କ୍ରୋଧରେ ଅଛନ୍ତି। ମୋ ନିକଟରେ କିଛି କ୍ଷମତା ନାହିଁ। ସେମାନେ ମୋଠାରୁ ସବୁ କ୍ଷମତା ନେଇ ଯାଇଛନ୍ତି। ମମତା ଅଭିଯୋଗ କରିଛନ୍ତି ଯେ ମାଲଦାରେ ଯେଉଁ ଘଟଣା ଘଟିଲା ତାହା ବିଜେପିର 'ଗେମ୍ ପ୍ଲାନ୍। ପରାଜୟ ଭୟରେ ବିଜେପି ଆସନ୍ତା ମାସରେ ହେବାକୁ ଥିବା ବିଧାନସଭା ନିର୍ବାଚନ ବାତିଲ କରି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବାପାଇଁ ଚାହୁଁଛି। ମମତା କହିଛନ୍ତି, ମୋର କ୍ଷମତା ନିର୍ବାଚନ କମିସନଙ୍କୁ ହସ୍ତାନ୍ତର କରାଯାଇଛି । ଏହା 'ସୁପର ରାଷ୍ଟ୍ରପତି ଶାସନ'।

ନିର୍ବାଚନ କମିସନ 'ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ। ମୁଁ ଏପରି ନିର୍ବାଚନ କମିସନ କେବେ ବି ଦେଖିନାହିଁ। ମମତା କହିଛନ୍ତି, ମୁଁ ମଧ୍ୟରାତ୍ରିରେ ଜଣେ ସାମ୍ବାଦିକଙ୍କଠାରୁ (ବନ୍ଧକ ପରିସ୍ଥିତି ବିଷୟରେ) ଜାଣିବାକୁ ପାଇଲି କିନ୍ତୁ ମୁଁ ବୁଝିପାରୁଛି ଯେ ଲୋକମାନେ କାହିଁକି ରାଗିଛନ୍ତି । ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ ମମତା ବାନାର୍ଜୀଙ୍କ ଏହି ପ୍ରତିକ୍ରିୟା ଆସିଛି। ଏସ୍‌ଆଇଆର ( ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ପ୍ରକ୍ରିୟାରେ ଯେଉଁ ଭୋଟରମାନଙ୍କ ନାଁ କଟିଛି ତାହାକୁ ବିରୋଧ କରି ଗତକାଲି ମାଲଦାର କାଳିଆଚକ ଦ୍ୱିତୀୟ ବ୍ଲକ୍ ଡେଭେଲପମେଣ୍ଟ ଅଫିସ ବାହାରେ ବଡ଼ ଧରଣର ଆନ୍ଦୋଳନ ହୋଇଥିଲା। ତାଲିକାରୁ ଯେଉଁ ଭୋଟରଙ୍କ ନାଁ କଟିଛି ପ୍ରକୃତରେ ସେମାନେ ତାଲିକାରେ ରହିବେ ନା' ବାଦ୍ ପଡ଼ିବେ ତା'ର ସମୀକ୍ଷା କରୁଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଆନ୍ଦୋଳନକାରୀ ଗତକାଲି ଭେଟିବାକୁ ଚାହିଥିଲେ। କିନ୍ତୁ ସେମାନଙ୍କ ଅନୁରୋଧକୁ ଗ୍ରହଣ କରାନଯିବାରୁ ଆନ୍ଦୋଳନକାରୀ ଅପରାହ୍ନ ପ୍ରାୟ ୪ଟାରେ ଅଫିସ୍ ଘେରାଉ କରିଥିଲେ। ୩ ମହିଳାଙ୍କ ସମେତ ୭ ନ୍ୟାୟିକ ଅଧିକାରୀଙ୍କୁ ସେମାନେ ବନ୍ଧକ ରଖିଥିଲେ। ଅଫିସରମାନଙ୍କୁ ପାଖାପାଖି ୯ ଘଣ୍ଟା ପରେ ରାତି ପ୍ରାୟ ଗୋଟାଏ ସମୟରେ ପୁଲିସ ଦ୍ୱାରା ଉଦ୍ଧାର କରାଯାଇଥିଲ। ଆନ୍ଦୋଳନକାରୀ ମଧ୍ୟ ଏକ ପୁଲିସ ଭ୍ୟାନ୍ ଉପରକୁ ପଥର ମାଡ଼ କରିଥିଲେ।

## ସାର, ଫାର୍ମାସ୍ୟୁଟିକାଲ ଓ ପ୍ଲାଷ୍ଟି ଶିଳ୍ପକୁ ପ୍ରୋତ୍ସାହନ, ୪୦ଟି ସାମଗ୍ରୀ ଉପରେ ସୀମା ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼



ନୂଆଦିଲ୍ଲୀ : ପେଟ୍ରୋଲିୟମ ସଂକଟ ଭିତରେ ସାର, ଫାର୍ମାସ୍ୟୁଟିକାଲ ଓ ପ୍ଲାଷ୍ଟି ଶିଳ୍ପକୁ ପ୍ରୋତ୍ସାହନ । ୪୦ଟି ଗୁରୁତ୍ୱପୂର୍ଣ୍ଣ ପେଟ୍ରୋଲିୟମ ସାମଗ୍ରୀ ଉପରୁ ସୀମା ଶୁଳ୍କକୁ ସମ୍ପୂର୍ଣ୍ଣ ଛାଡ କଲେ କେନ୍ଦ୍ର ସରକାର । ଅର୍ଥମନ୍ତ୍ରାଳୟ ବିଜ୍ଞପ୍ତି ଜାରି କରି ଜୁନ ୩୦ ଯାଏ ସୀମା ଶୁଳ୍କ ଛାଡ଼ କରାଯାଇଛି । ମୋଟ ୪୦ଟି ପଦାର୍ଥ ଉପରୁ ଶୁଳ୍କ ହଟାଯାଇଛି । ଯେଉଁଥିରେ ରହିଛି ଆନହାଇଡ୍ରସ୍ ଆମୋନିଆ । ଯାହା ସାର ତିଆରିରେ ବ୍ୟବହୃତ ହୁଏ । ଏହାସହ ମିଥାନୋଲ, ଟୋଲୁଇନ୍, ଷ୍ଟାଇରିନ୍ ଓ ଭିନାଇଲ୍ କ୍ଲୋରାଇଡ୍ ମନୋମର ଭଳି ସାମଗ୍ରୀ ଉପରୁ ଶୁଳ୍କ ଛାଡ କରାଯାଇଛି । ଏହି ନିଷ୍ପତ୍ତି ଦ୍ୱାରା ପ୍ଲାଷ୍ଟିକ୍ ଓ ପ୍ୟାକେଜିଂ ଶିଳ୍ପକୁ ଫାଇଦା ମିଳିବ । ଶିଳ୍ପଗୁଡିକ ଶସ୍ତାରେ କଞ୍ଚାମାଲ ପାଇବେ । ଟେକ୍ସଟାଇଲ୍ ଶିଳ୍ପରେ ସିନ୍ଥେଟିକ୍ ଫାଇବର ତିଆରି ଖର୍ଚ୍ଚ କମିବ । ଔଷଧ ନିର୍ମାଣରେ ବ୍ୟବହୃତ ରାସାୟନିକ ପଦାର୍ଥ ସହଜରେ ମିଳିବ । ଏହାସହ ଗାଡ଼ିର ବିଭିନ୍ନ ପାର୍ଟସ ଓ ଟାୟାର ନିର୍ମାଣ ସହଜ ହେବ । ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁଁ ବିଶ୍ୱବ୍ୟାପୀ ସପ୍ଲାଇ ଚେନ୍ ବ୍ୟାହତ ସହ ଭାରତର ପେଟ୍ରୋକେମିକାଲ୍ କଞ୍ଚାମାଲ ଯୋଗାଣ ପ୍ରଭାବିତ ହୋଇଛି । ବର୍ତ୍ତମାନ ନିଷ୍ପତ୍ତି ପରେ ଘରୋଇ ଶିଳ୍ପକୁ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ସହଜରେ ମିଳିବ । ଡାଉନ୍ ଷ୍ଟ୍ରିମ୍ ଶିଳ୍ପରେ ଉତ୍ପାଦନ ଖର୍ଚ୍ଚ କମିବ । ଦେଶର ଯୋଗାଣରେ ସ୍ଥିରତା ଆସିବ ।

## ହର୍ମୁଜ ପ୍ରଣାଳୀରେ ଭାରତୀୟ ଟ୍ୟାଙ୍କରକୁ ସୁରକ୍ଷା ଦେଉଛି ନୌସେନା



ନୂଆଦିଲ୍ଲୀ: ହର୍ମୁଜ ପ୍ରଣାଳୀର ସ୍ୱର୍ଶକାତର ଜଳରାଶିରେ ଭାରତୀୟ ନୌସେନା ଜାହାଜଗୁଡ଼ିକ ଭାରତୀୟ ତୈଳ ଟ୍ୟାଙ୍କର ଗୁଡ଼ିକ ପାଇଁ ସୁରକ୍ଷିତ ଅତିକ୍ରମ ସୁନିଶ୍ଚିତ କରାଉଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି କହିଛନ୍ତି। ଉକ୍ତ ଅଞ୍ଚଳରେ ସ୍ଥିତିକୁ ସରକାର ଅତି ଭଲଭାବେ ଅନୁଧ୍ୟାନ କରୁଛନ୍ତି ବୋଲି ସେ କହିଛନ୍ତି। କେରଳର ସୈନିକ ସମ୍ମାନ ସମ୍ମିଳନୀରେ ଟିପ୍ପଣୀ ଦେଇ ରାଜନାଥ କହିଛନ୍ତି, ଭାରତ କୌଣସି ଗ୍ୟାସ୍ କିମ୍ବା ତୈଳ ସଙ୍କଟ ସାମ୍ନା କରୁନାହିଁ। ପଶ୍ଚିମ ଏସିଆ ସଙ୍କଟରୁ ସୃଷ୍ଟ ଯେକୌଣସି ପ୍ରକାର ଶକ୍ତି ବିଭ୍ରାଟର ମୁକାବିଲା ପାଇଁ ଭାରତ ଭଲଭାବେ ପ୍ରସ୍ତୁତ ବୋଲି ରାଜନାଥ କହିଛନ୍ତି। ପଶ୍ଚିମ ଏସିଆ ସ୍ଥିତିକୁ ଆମେ ଭଲଭାବେ ଅନୁଧ୍ୟାନ କରୁଛୁ ଏବଂ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ପଶ୍ଚିମ ଏସିଆ ସ୍ଥିତିକୁ ସରକାର ଅତି ଭଲଭାବେ ଅନୁଧ୍ୟାନ କରୁଛନ୍ତି ଏବଂ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ରାଜନାଥ କହିଛନ୍ତି।

## ଇରାନ ସୀମାରେ ଆମେରିକାର 'ଟ୍ୟାଙ୍କ କିଲର' ମୁତୟନ, ସ୍ଥଳ ଆକ୍ରମଣ ପାଇଁ ବଡ଼ ପ୍ରସ୍ତୁତି

ଓ୍ୱାଶିଂଟନ: ପଶ୍ଚିମ ଏସିଆରେ ଯୁଦ୍ଧ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବା ବେଳେ ଆମେରିକା ଇରାନ ବିରୋଧରେ ଏକ ବଡ଼ ଧରଣର ସ୍ଥଳ ଆକ୍ରମଣ ପାଇଁ ରଣନୀତି ପ୍ରସ୍ତୁତ କରିଛି। ଏହି ଅଭିଯାନ ପାଇଁ ପେଣ୍ଟାଗନ ଏହାର ସବୁଠାରୁ ଶକ୍ତିଶାଳୀ ଓ ଭରସାଯୋଗ୍ୟ 'ଏ-୧୦ ଥଣ୍ଡରବୋଲ୍ଟ' ବିମାନକୁ ମୁତୟନ କରିଛି। ଏଫ୍-୩୫ ଭଳି ଆଧୁନିକ ବିମାନ ଥାଉ ଥାଉ, ପ୍ରାୟ ୫୦ ବର୍ଷ ପୁରୁଣା ଏହି 'ଟ୍ୟାଙ୍କ କିଲର' ବିମାନକୁ ପ୍ରାଧାନ୍ୟ ଦେବା ଶତ୍ରୁ ପକ୍ଷ ପାଇଁ ଏକ ବଡ଼ ବିପଦର ସଙ୍କେତ ବୋଲି କୁହାଯାଉଛି। 'ଏ-୧୦ ଥଣ୍ଡରବୋଲ୍ଟ' ବିମାନ ମୁଖ୍ୟତଃ କମ୍ ଉଚ୍ଚତାରେ ଉଡ଼ାଣ ଭରି ସ୍ଥଳସେନାକୁ ସୁରକ୍ଷା ଦେବା ସହ ଶତ୍ରୁର ଟ୍ୟାଙ୍କ ଓ ସଶସ୍ତ୍ର ଯାନକୁ ନଷ୍ଟ କରିବାରେ ବିଶେଷ ପାରଙ୍ଗମ। ଏଥିରେ ଥିବା ୩୦ ଏମଏମ୍ ରୋଟାରୀ ତୋପ ପ୍ରତି ମିନିଟରେ ୩,୯୦୦ ରାଉଣ୍ଡ ଗୁଳି ବର୍ଷଣ କରିବାର କ୍ଷମତା ରଖେ। ଏହି ବିମାନ ସହିତ ସାମୁଦ୍ରିକ ବାହିନୀ ଓ ଉଭୟଚର ଜାହାଜର ନିୟୋଜନ ସ୍ପଷ୍ଟ କରୁଛି ଯେ ଆମେରିକା ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଧୀର ଗତି ଯୋଗୁଁ ଏହା ଭୂମିରେ ଥିବା ଲକ୍ଷ୍ୟସ୍ଥଳକୁ ଅତି ସଠିକ ଭାବେ ଚିହ୍ନଟ କରି ଆକ୍ରମଣ କରିଥାଏ, ଯାହା ଇରାନ ପାଇଁ ଏକ ବଡ଼ ବିପଦ ପାଲଟିବ ବୋଲି କୁହାଯାଉଛି।

## ଆମେରିକା-ଇସ୍ରାଏଲର ଆତ୍ମସମର୍ପଣ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ: ଇରାନ



ତେହେରାନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଦେଶକୁ ସମ୍ବୋଧନ କରି ଇରାନକୁ କଡ଼ା ଚେତାବନୀ ଦେଇଥିଲେ। ତେବେ ଇରାନ ଟ୍ରମ୍ପଙ୍କ ଧମକକୁ ବେଖାତିର୍ କରି ତାଙ୍କ ଭାଷଣ ଶେଷ ହେବା ପରେ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଗୁରୁବାର ଇରାନ ସାମରିକ ଅପରେସନ କମାଣ୍ଡର ଖାତମ୍ ଅଲ-ଅନବିୟ ଜାତୀୟ ଟିଭିକୁ କହିଛନ୍ତି ଯେ, ଆମେ କେବଳ ସର୍ବଶକ୍ତିମାନ ଭଗବାନଙ୍କୁ ବିଶ୍ୱାସ କରୁ। ଏହି ଯୁଦ୍ଧ ତୁମର ଅପମାନ, ସ୍ଥାୟୀ ଅନୁତାପ ଏବଂ ଆତ୍ମସମର୍ପଣ ପର୍ଯ୍ୟନ୍ତ ଜାରି ରହିବ। ତେଣୁ ଆହୁରି ବଡ଼ଧରଣର ଆକ୍ରମଣ ଓ ଅଧିକ ବିଧ୍ୱଂସ ଦେଖିବାକୁ ଅପେକ୍ଷା କର ବୋଲି କହିଛନ୍ତି। ଟ୍ରମ୍ପ ତାଙ୍କ ଭାଷଣରେ କହିଥିଲେ, ଆସନ୍ତା ଦୁଇରୁ ତିନିସପ୍ତାହରେ ଇରାନ ଉପରେ ଆହୁରି ଅଧିକ ଆକ୍ରମଣ ହେବ। ଟ୍ରମ୍ପଙ୍କ ଭାଷଣ ପରେ ଇରାନ ପକ୍ଷରୁ ଇସ୍ରାଏଲ ଓ ଆମେରିକାଉପରେ ଅଧିକ ଆକ୍ରମଣ କରିବାକୁ ଚେତାବନୀ ଦେଇଛି।

# ମହଙ୍ଗା ହେଲିକପ୍ଟରର ବ୍ୟବସ୍ଥା ପାଇଁ ପର୍ଯ୍ୟଟକଙ୍କ ଖାଦ୍ୟରେ ଗୁପ୍ତ ଭାବରେ ବିଷ ମିଶ୍ରଣ କରାଯାଉଥିବା ଅଭିଯୋଗ

କାଠମାଣ୍ଡୁ: ଏଭରେଷ୍ଟ ପର୍ବତ ଚଢ଼ିବା ପରିବର୍ତ୍ତେ, ଗାଇଡ୍‌ମାନେ ପର୍ବତାରୋହୀଙ୍କୁ ବିଷ ଖୁଆଇ ଦେଉଛନ୍ତି। ବିଶ୍ୱର ସର୍ବୋଚ୍ଚ ପର୍ବତ ଚଢ଼ିବା ସମୟରେ, ଯେଉଁମାନଙ୍କୁ ପର୍ବତାରୋହୀ ଗାଇଡ୍ ଏବଂ ନିଜର ଶେଷ ସାହାରା ବୋଲି ବିବେଚନା କରିଥାନ୍ତି ଶେଷରେ ସେହି ଗାଇଡ୍ ହିଁ ଟଙ୍କା କେଇଟା ପାଇଁ ପର୍ବତାରୋହୀଙ୍କର ଶତ୍ରୁ ପାଲଟି ଯାଉଛନ୍ତି। ନେପାଳରେ ଏଭଳି ଘଟୁଛି। ମାଉଣ୍ଟ ଏଭରେଷ୍ଟ ଗାଇଡ୍ ମାନଙ୍କ ବିରୋଧରେ ପର୍ଯ୍ୟଟକଙ୍କ ଖାଦ୍ୟରେ ଗୁପ୍ତ ଭାବରେ ବିଷ ମିଶ୍ରଣ କରି ସେମାନଙ୍କୁ ଅସୁସ୍ଥ କରୁଥିବା ଅଭିଯୋଗ ହୋଇଛି। ଯାହା ଦ୍ୱାରା ମହଙ୍ଗା ହେଲିକପ୍ଟରର ବ୍ୟବସ୍ଥା କରାଯାଇପାରିବ।

ଏହାକୁ ପ୍ରାୟ ୨ କୋଟି ଡଲାର(୧୯୦ କୋଟି ଟଙ୍କା) ମୂଲ୍ୟର ଏକ ବୀମା ଦୁର୍ନୀତି ଭାବରେ ରିପୋର୍ଟ କରାଯାଇଛି। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ, ନେପାଳ ପୁଲିସ ଷଡ଼ଯନ୍ତ୍ର ସହିତ ଜଡିତ ୩୨ ଜଣଙ୍କ ବିରୋଧରେ ସଂଗଠିତ ଅପରାଧ ଏବଂ ଠକେଇ ଅଭିଯୋଗ ଆଣିଥିଲା। କାଠମାଣ୍ଡୁ ପୋଷ୍ଟ ରିପୋର୍ଟ କରିଛି ଯେ, ଏହି ମାମଲାରେ ଟ୍ରେକିଂ କମ୍ପାନିର ମାଲିକ, ହେଲିକପ୍ଟର ଅପରେଟର ଏବଂ ହସ୍ପିଟାଲ ଅଧିକାରୀମାନେ ସାମିଲ ଅଛନ୍ତି। ପୁଲିସ କହିଛି, ଟ୍ରେକିଂ ଏଜେନ୍ସିଗୁଡ଼ିକର ଗାଇଡ୍ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଖାଦ୍ୟରେ ବେକିଂ ସୋଡ଼ା ମିଶାଇ ଅସୁସ୍ଥ କରୁଛନ୍ତି। ଏହା ପର୍ବତାରୋହୀଙ୍କ ପେଟକୁ ଖରାପ କରିଥାଏ। ପେଟ ଖରାପକୁ ଉଚ୍ଚତା ରୋଗ କିମ୍ବା ଫୁଡ୍ ପଏଜନିଂ ବୋଲି ଗାଇଡ୍ ?ଙ୍କ ପକ୍ଷରୁ କୁହାଯାଇଥାଏ। ପର୍ଯ୍ୟଟକମାନେ ଅସୁସ୍ଥ ହେଲେ, ସେମାନଙ୍କ ଉପରେ ମହଙ୍ଗା ଜରୁରୀକାଳୀନ ହେଲିକପ୍ଟର ସ୍ଥାନାନ୍ତର ପାଇଁ ରାଜି ହେବାକୁ ଚାପ ପକାଯାଇଥାଏ। ଅଧିକାରୀଙ୍କ ଅନୁଯାୟୀ, ହେଲିକପ୍ଟର କମ୍ପାନିଗୁଡ଼ିକ ଆନ୍ତର୍ଜାତୀୟ ଯାତ୍ରା ବୀମା କମ୍ପାନିଗୁଡ଼ିକଠାରୁ ଟଙ୍କା ଆଦାୟ କରିବା ପାଇଁ ଚିକିତ୍ସା ଏବଂ ଉଡ଼ାଣ ଡକ୍ୟୁମେଣ୍ଟ ତିଆରି କରିଥାନ୍ତି। ଏକ ରିପୋର୍ଟ ଅନୁଯାୟୀ, ଏଭଳି ଏକ ମାମଲାରେ ଯେତେବେଳେ ଏକ ଉଦ୍ଧାର ହେଲିକପ୍ଟର ଡକାଯାଉଥିଲା, ପ୍ରକୃତ ଅର୍ଥ ଉପାର୍ଜନ ଯୋଜନା ଆରମ୍ଭ ହେଉଥିଲା। ଗୋଟିଏ ହେଲିକପ୍ଟରରେ ଅନେକ ଯାତ୍ରୀଙ୍କୁ ପରିବହନ କରାଯାଉଥିଲା, କିନ୍ତୁ ପ୍ରତ୍ୟେକ ଯାତ୍ରୀଙ୍କ ବୀମା କମ୍ପାନିକୁ ପୃଥକ ଭାବରେ ବିଲ୍ କରାଯାଉଥିଲା, ସମ୍ପୂର୍ଣ୍ଣ ଭଡ଼ା ଦର୍ଶାଯାଉଥିଲା, ଯେପରି ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଏକ ପୃଥକ ହେଲିକପ୍ଟର ଉଡ଼ାଣ କରିଥିଲା। ଉଦାହରଣ ସ୍ୱରୂପ,୪,୦୦୦ ଡଲାରର ଏକ ହେଲିକପ୍ଟର ଉଡ଼ାଣକୁ ୧୨,୦୦୦ ଡଲାରର ବୀମା ଦାବିରେ ରୂପାନ୍ତରିତ କରାଯାଉଥିଲା। ଏଥିପାଇଁ, ନକଲି ବିମାନ ରେକର୍ଡ ଏବଂ ଲୋଡ୍ ସିଟ୍ ପ୍ରସ୍ତୁତ କରାଯାଉଥିଲା। ହସ୍ପିଟାଲର ମେଡିକାଲ୍ ଅଧିକାରୀମାନେ ବରିଷ୍ଠ ଡାକ୍ତରଙ୍କ ଡିଜିଟାଲ୍ ସ୍ୱାକ୍ଷର ସହିତ ରୋଗୀଙ୍କ ପାଇଁ ଡିସଚାର୍ଜ ସାରାଂଶ ତିଆରି କରୁଥିଲେ, ଯଦିଓ ଏହି ଡାକ୍ତରମାନେ ମାମଲାରେ ଜଡିତ ନଥିଲେ। କିଛି କ୍ଷେତ୍ରରେ, ଏହା ଡାକ୍ତରଙ୍କ ଅଜାଣତରେ କରାଯାଉଥିଲା। ପ୍ରକୃତରେ ଚିକିତ୍ସା ଗ୍ରହଣ କରୁନଥିବା ପର୍ଯ୍ୟଟକଙ୍କ ପାଇଁ ପ୍ରାୟତଃ ନକଲି ହସ୍ପିଟାଲ ପ୍ରବେଶ ରେକର୍ଡ ତିଆରି କରାଯାଉଥିଲା। କିଛି ରିପୋର୍ଟ ହୋଇଥିବା ମାମଲାରେ, ପର୍ଯ୍ୟଟକମାନେ ହସ୍ପିଟାଲ କାଫେଟେରିଆରେ ବିୟର ପିଉଥିଲେ ଯେତେବେଳେ ଡକ୍ୟୁମେଣ୍ଟରେ ସେମାନେ ଚିକିତ୍ସା ଗ୍ରହଣ କରୁଥିଲେ ବୋଲି ଦର୍ଶାଯାଉଥିଲା। ଏଭଳି ବେଆଇନ ଉପାୟରେ ରୋଜଗାର ହୋଇଥିବା ଟଙ୍କା ପରେ ଗାଇଡ୍, ହେଲିକପ୍ଟର କମ୍ପାନି, ଟ୍ରେକିଂ ଏଜେନ୍ସି ଏବଂ ହସ୍ପିଟାଲ ମଧ୍ୟରେ ବଣ୍ଟନ କରାଯାଉଥିଲା। ମାତ୍ର ପର୍ଯ୍ୟଟକମାନଙ୍କୁ ନକଲି ଚିକିତ୍ସା ପାଇଁ ନିଆଯାଉଥିଲା। ଜାନୁଆରି ମାସରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା। ତିନୋଟି ପ୍ରମୁଖ ପର୍ବତ ଉଦ୍ଧାରକାରୀ କମ୍ପାନିର ଛଅ ଜଣ କାର୍ଯ୍ୟନିର୍ବାହୀଙ୍କୁ ଗିରଫ କରାଯାଇଥିଲା। ପୁଲିସ କହିଛି ଯେ, ଏହି ଗୋଷ୍ଠୀଗୁଡ଼ିକ ପ୍ରତାରଣାମୂଳକ ଭାବରେ ଅତି କମରେ ୨ କୋଟି ଡଲାର ବୀମା ପେମେଣ୍ଟ ହାସଲ କରିଥିଲେ। ଚିନ୍ତାଜନକ କଥା ହେଉଛି, ନେପାଳର ପର୍ଯ୍ୟଟନ ଶିଳ୍ପରେ ଏପରି ଠକେଇ ପ୍ରଥମ ଥର ପାଇଁ ସାମ୍ନାକୁ ଆସିନାହିଁ। ଏହି ଶିଳ୍ପ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଦେଶରେ ୧୦ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଥାଏ। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ବୃଦ୍ଧି ପାଉଥିବା ଠକେଇ ଯୋଗୁଁ ଅନେକ ପ୍ରମୁଖ ଆନ୍ତର୍ଜାତୀୟ ବୀମା କମ୍ପାନି ନେପାଳରେ ଟ୍ରେକିଂ କରୁଥିବା ପର୍ଯ୍ୟଟକମାନଙ୍କୁ ବୀମା କଭରେଜ୍ ପ୍ରଦାନ ବନ୍ଦ କରିଦେଇଛନ୍ତି। ୨୦୧୮ ମସିହାରେ, ନେପାଳ ସରକାର ପର୍ଯ୍ୟଟକଙ୍କ ପାଇଁ ଜରୁରୀକାଳୀନ ହେଲିକପ୍ଟର ଉଦ୍ଧାର ବ୍ୟବସ୍ଥା କରୁଥିବା ସମସ୍ତ 'ମଧ୍ୟସ୍ଥି'ଙ୍କୁ ହଟାଇ ଦେଇଥିବା ଦାବି କରିଥିଲେ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷାର ଦାୟିତ୍ୱ ସିଧାସଳଖ ଅପରେଟରମାନଙ୍କ ଉପରେ ନ୍ୟସ୍ତ କରିଥିଲେ।

# ଧୋନି ଓ କପିଲ ଦେବଙ୍କୁ କ୍ଷମା ମାଗିଲେ ଯୁବରାଜ



**ଚଣ୍ଡିଗଡ,୨।୪:** ଭାରତୀୟ ଟିମରେ ଏକାଧିକ ବଡ ଖେଳାଳି ଥିବା ବେଳେ ନଜର ଚମକ ଦେଖାଇଥିବା ଜଣେ ଖେଳାଳି ହେଉନ୍ତି ଯୁବରାଜ ସିଂହ। ସଚିନ ତେନ୍ଦୁଲକରଙ୍କ ଠାରୁ ଆରମ୍ଭ କରି ବୀରେନ୍ଦ୍ର ସେହୱାଗ, ମହେନ୍ଦ୍ର ସିଂହ ଧୋନିଙ୍କ ଠାରୁ ଜହିର ଖାନଙ୍କ ନାଁ ଅନେକ ଦଶନ୍ଧି ଧରି ସମସ୍ତେ ଶୁଣି ଆସିଛନ୍ତି। ଏହାରି ମଝିରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ସବୁଦିନ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରି ଥିବା ଖେଳାଳି ହେଲେ ଯୁବରାଜ ସିଂହ। ସେ ନିଜ ଦକ୍ଷତା ବଳରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ୨୦୦୭ ଟି-୨୦ ବିଶ୍ୱକପ ଓ ୨୦୧୧ ଦିନିକିଆ ବିଶ୍ୱକପରେ ଯୁବରାଜ ଦେଖାଇଥିଲେ ନିଜର ପରାକ୍ରମ। ମହେନ୍ଦ୍ର ସିଂହ ଧୋନିଙ୍କ କ୍ୟାପ୍‌ଟେନ୍ସି ସମୟରେ ଯୁବରାଜ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ଯୁବରାଜ ଦୀର୍ଘ ସମୟ ଧରି ଭାରତୀୟ ଟିମର ନେତୃତ୍ୱ ନେବାକୁ ସୁଯୋଗ ପାଇ ନଥିଲେ। ଯୁବରାଜ ସିଂହଙ୍କ କ୍ରିକେଟ କ୍ୟାରିୟର ଶେଷ ହେବା ପରେ ତାଙ୍କ ବାପା ଯୁଗରାଜ ସିଂହ ଅନେକ ସମୟରେ ଧୋନିଙ୍କ ବିରୋଧରେ ମତ ରଖିଛନ୍ତି। ଧୋନିଙ୍କ ପାଇଁ ଯୁବରାଜ ଭାରତର ନେତୃତ୍ୱ ନେବାକୁ ସୁଯୋଗ ପାଇ ନଥିବା ମଧ୍ୟ କହିଛନ୍ତି। ଏଯାଏ ଏ ସମ୍ପର୍କରେ କିଛି କହୁ ନଥିବା ଯୁବରାଜ ଏବେ ପ୍ରଥମଥର ମୁହଁ ଖୋଲିଛନ୍ତି। ସ୍ପୋର୍ଟସ ତକ ପୋଡକାଷ୍ଟର ଟିଜର ଗୁରୁବାର ରିଲିଜ କରାଯାଇଛି। ଏଥିରେ ଯୁବରାଜ କହିଛନ୍ତି ଯେ "ମୁଁ ନିଶ୍ଚିତ ଭାବେ କପିଲ ଦେବ ଓ ମହେନ୍ଦ୍ର ସିଂହ ଧୋନିଙ୍କୁ କ୍ଷମା ମାଗିବାକୁ ଚାହିଁବି।" ବାପାଙ୍କ ସାକ୍ଷାତକାର ଶୁଣିବା ବେଳେ ସେ ଅନୁତାପ କରନ୍ତି ବୋଲି କାର୍ଯ୍ୟକ୍ରମରେ ତାଙ୍କୁ ପଚରା ଯାଇଛି। ପ୍ରଶ୍ନ କରିବା ବେଳେ ଯୁଗରାଜ ସିଂହ ଫଟୋ ମଧ୍ୟ ପ୍ରଦର୍ଶନ କରାଯାଇଛି। ଏହାର ଜବାବରେ ଯୁବରାଜ କହିଛନ୍ତି, "ମୁଁ ବାପାଙ୍କୁ ଅନେକ ଥର କହିଛି ଯେ ଏହା ଆଦୌ ଠିକ ନୁହେଁ।" ଏଯାଏ ସଂସ୍ଥା ପକ୍ଷରୁ ଯୁବରାଜଙ୍କ ପୂରା ପୋଡକାଷ୍ଟ ଜାରି କରାଯାଇ ନାହିଁ। ତଥାପି ଟିଜରରୁ ସ୍ପଷ୍ଟ ହୋଇଛି ଯେ ସେ ତାଙ୍କ ବାପା ଯୁଗରାଜ ଦେଇଥିବା ବୟାନ ପାଇଁ ସମ୍ଭବତଃ ଧୋନି ଓ କପିଲ ଦେବଙ୍କୁ କ୍ଷମା ମାଗିଛନ୍ତି। ଯୁଗରାଜ ସିଂହ ହେଉଛନ୍ତି ପଞ୍ଜାବର ଜଣେ ପ୍ରସିଦ୍ଧ କ୍ରିକେଟ କୋଚ୍। ଅନେକ ସମୟରେ ସେ ପୂର୍ବତନ କ୍ରିକେଟରମାନଙ୍କ ସମ୍ପର୍କରେ ବିବାଦୀୟ ଟିପ୍ପଣୀ କରିବାର ନଜିର ରହିଛି। ୨୦୨୫ରେ ସେ ଏକଦା କପିଲ ଦେବଙ୍କୁ ୧୯୮୦ ଦଶକରେ ହତ୍ୟା କରିବାକୁ ଚାହୁଁଥିଲେ ବୋଲି କହିଥିଲେ। କପିଲ ଦେବଙ୍କ ସମୟରେ ଭାରତୀୟ ଟିମରୁ ତାଙ୍କୁ ବାଦ ଦିଆଯାଇଥିବାରୁ ସେ ଏପରି ପଦକ୍ଷେପ ନେବାକୁ ଚାହୁଁଥିବା ଗୋଟିଏ କାର୍ଯ୍ୟକ୍ରମରେ କହିଥିଲେ। ଧୋନି ଓ ଅନ୍ୟ ପୂର୍ବତନ ଖେଳାଳିଙ୍କ ସମ୍ପର୍କରେ ଯୁଗରାଜ କହିଥିଲେ ଯେ "ମୁଁ ବିଶନ ସିଂହ ବେଦୀ, କପିଲ ଦେବ ଓ ମହେନ୍ଦ୍ର ସିଂହ ଧୋନିଙ୍କ ସମ୍ପର୍କରେ କହୁଛି। ମୁଁ ଯେଉଁମାନଙ୍କ ସହ ଥିଲି ସେମାନଙ୍କ ସମ୍ପର୍କରେ କହି ପାରିବି। ସେମାନେ ଲୋକଙ୍କୁ ଅତ୍ୟନ୍ତ ଘୃଣ୍ୟ ବ୍ୟବହାର କରନ୍ତି। ଯାହା ଭୁଲ, ତାହା ଭୁଲ। ଦୁଇଟି ଭୁଲ କେବେ ହେଲେ ଗୋଟିଏ ଠିକ କରିପାରିବେ ନାହିଁ। ମୁଁ ଏହାକୁ ନିଜ ଆଖିରେ ଦେଖିଛି।

# ଆର୍ଜେଣ୍ଟିନା ଫୁଟ୍‌ବଲ୍ ଦଳ ବିପକ୍ଷରେ ଠକେଇ ଅଭିଯୋଗ

**କୋଚି,୨।୪:** ଆର୍ଜେଣ୍ଟିନା ଜାତୀୟ ଫୁଟ୍‌ବଲ୍ ଦଳ ବିପକ୍ଷରେ କେରଳର କ୍ରୀଡାମନ୍ତ୍ରୀ ଭି ଅବଦୁରରହମାନ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏହି ଲୋକପ୍ରିୟ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ଦଳ ତାଙ୍କ ସହ ପାଖାପାଖି ୨୫୦ କୋଟି ଟଙ୍କାର ଠକେଇ କରିଛି ବୋଲି ଦାବି କରିଛନ୍ତି ସେ। ଫଳରେ ଫୁଟ୍‌ବଲ୍ ଜଗତରେ ଆଲୋଡନ ସୃଷ୍ଟି ହୋଇଛି। କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବା ଲାଗି ପୂର୍ବ ଚୁକ୍ତି ଅନୁସାରେ ଟଙ୍କା ନେବା ପରେ ମଧ୍ୟ ଆର୍ଜେଣ୍ଟିନା ଜାତୀୟ ଦଳ ଆମ ସହ ଶେଷ ମୁହୂର୍ତ୍ତରେ ବିଶ୍ୱାସଘାତକତା କରିଥିଲା। ମ୍ୟାଚ୍ ଖେଳିବାକୁ ଆସି ନଥିଲା। ଯାହା ଆମକୁ ଅତ୍ୟନ୍ତ ନିରାଶ କରିଥିଲା। ଆର୍ଜେଣ୍ଟିନା ଜାତୀୟ ଫୁଟ୍‌ବଲ୍ ଦଳର ଏଭଳି ନିଷ୍ପତ୍ତି ବିରୋଧରେ ଆମେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବୁ। ଏହା ଏକ ସୁଚିନ୍ତିତ ଓ ଯୋଜନାବଦ୍ଧ ଠକେଇ ବୋଲି ସେ ଏକ ସାକ୍ଷାତକାର ଅବସରରେ କହି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି ସେ।ଅବଦୁରରହମାନ ଆହୁରି କହିଛନ୍ତି ଯେ ଏଥିପାଇଁ ଆର୍ଜେଣ୍ଟିନା ଦଳର ପ୍ରତିନିଧିଙ୍କ ସହ ବହୁବାର ଆମର ଆଲୋଚନା ହୋଇଥିଲା। ୨୫୦ କୋଟି ଟଙ୍କାର



ପ୍ରାୟୋଜକ ଯୋଗାଡ ଆଦୌ ସହଜ କଥା ନୁହେଁ। ଆମେ କଷ୍ଟେମଷ୍ଟେ ଏହି ଅର୍ଥ ଯୋଗାଡ କରି ସେମାନଙ୍କୁ ଦେଇଥିଲୁ। ହେଲେ ଟଙ୍କା ପାଇବା ପରେ ଆର୍ଜେଣ୍ଟିନା ଫୁଟ୍‌ବଲ୍ ଦଳ ଆମ ସହ ଠକାମି କରିଥିଲା। ଆଉ ଧରାଛୁଆଁ ଦେଇ ନଥିଲା। ଏଭଳି ବିଶ୍ୱାସଘାତକତାର ଆଶା ଆମେ କରି ନଥିଲୁ। ପ୍ରତିଶ୍ରୁତି ଦେଇ ନଆସିବା ଆର୍ଜେଣ୍ଟିନା ଭଳି ଦଳ ପାଇଁ ଏବସୁ ଆଦୌ ଶୋଭାଦିଏନି। ଆମେ ସେମାନଙ୍କୁ ଅପେକ୍ଷା କରି କରି ଥକି ଗଲୁ ହେଲେ ସେମାନେ ଯାଉଛୁ ଯାଉଛୁ କହି ଆଉ ଆସି ନଥିଲେ। ଫଳରେ କେରଳ ଫୁଟ୍‌ବଲ୍ ପ୍ରେମୀ ଅତ୍ୟନ୍ତ ନିରାଶ ହୋଇଥିଲେ। ଖୋଳତାଡ କରିବା ପରେ ସେମାନେ ଆମ ସହ ଆଉ ୫-୬ଟି ଦେଶ ସହ ମଧ୍ୟ ଏଭଳି କରିଥିବା ଜାଣିବାକୁ ପାଇଲୁ। ସେହି ଦେଶଗୁଡିକରୁ ମଧ୍ୟ ଆର୍ଜେଣ୍ଟିନା ଫୁଟ୍‌ବଲ୍ ଅଧିକାରୀମାନେ ଅଗ୍ରୀମ ଟଙ୍କା ନେଇ ମ୍ୟାଚ୍ ଖେଳିବାକୁ ଆସି ନଥିଲେ।

# ବିଶ୍ୱକପରେ ଇଟାଲି ଅଯୋଗ୍ୟ, ପ୍ରଶଂସକଙ୍କ ବିକ୍ଷୋଭ

**ରୋମ୍,୨।୪:** ଚାରିଥରର ବିଜେତା ଇଟାଲି କ୍ରମାଗତ ତୃତୀୟ



ଥର ପାଇଁ ଫିଫା ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିପାରିନାହିଁ। ମଙ୍ଗଳବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ଏହି ୟୁରୋପୀୟ ଫୁଟ୍‌ବଲ୍ ମହାଶକ୍ତି ବୋସନିଆ-ହରଜେଗୋଭିନା ଠାରୁ ପରାସ୍ତ ହେବା ପରେ ଆଗାମୀ ବିଶ୍ୱକପ୍ ଖେଳିବା ସ୍ୱପ୍ନ ଚୂର୍‌ମାର୍ ହୋଇଯାଇଛି। ନିୟମିତ ସମୟରେ ୧-୧ରେ ମ୍ୟାଚ୍ ଡ୍ର' ହେବା ପରେ ବୋସନିଆ-ହରଜେଗୋଭିନା ୪-୧ ପେନାଲ୍‌ଟି ସୁଟ୍‌ଆଉଟରେ ଇଟାଲିକୁ ପରାସ୍ତ କରି ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହା ପୂର୍ବରୁ ୨୦୧୮ ଓ ୨୦୨୨ ବିଶ୍ୱକପ୍ ପାଇଁ ମଧ୍ୟ ଇଟାଲି ଯୋଗ୍ୟତା ଅର୍ଜନ କରି ନଥିଲା। ଏହି ଖବର ଜଣାପଡ଼ିବା ପରେ ପ୍ରଶଂସକ ରାସ୍ତାକୁ ଓହ୍ଲାଇ ନିଜର ଅସନ୍ତୋଷ ଜାହିର କରିଛନ୍ତି। ମିଳିତ ଭାବେ ବିକ୍ଷୋଭ ଓ ବିରୋଧ ପ୍ରଦର୍ଶନ କରିଛନ୍ତି। ଏଭଳି ଶୋଚନୀୟ ପ୍ରଦର୍ଶନ ପାଇଁ ଇଟାଲିର ଅଧିନାୟକ ଜିଆନଲୁଗି ଡୋନାରୁମ୍ମା ଦୁଃଖ ପ୍ରକାଶ କରିବା ସହ ଦଳ ପ୍ରତି ନିଜର ସମର୍ଥନ ଓ ବିଶ୍ୱାସ ବଜାୟ ରଖିବାକୁ ପ୍ରଶଂସକମାନଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଇରାନ୍ ଓ ତୁର୍କୀ ମେକ୍ସିକୋ, କାନାଡା ଓ ଆମେରିକାରେ ଚଳିତ ବର୍ଷ ଜୁନ୍ ୧୧ରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ବିଶ୍ୱକପ୍ ଲାଗି ଯୋଗ୍ୟତା ଆର୍ଜନ କରିଛନ୍ତି।

# ଆଇପିଏଲ ନିଷ୍ପତ୍ତିକୁ ବିରୋଧ କରି କୋର୍ଟରେ କେସ୍ କଲେ ନୁଓ୍ୱାନ

**ବେଙ୍ଗାଲୁର,୨।୪:** ଆଇପିଏଲ ପ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଷ୍ଟାର ଖେଳାଳି ନୁଓ୍ୱାନ ତୁଶାରା ବଡ ପଦକ୍ଷେପ ନେଇଛନ୍ତି। ଶ୍ରୀଲଙ୍କାର ଏହି ଦ୍ରୁତ ବୋଲର ଜଣଙ୍କ ଶ୍ରୀଲଙ୍କା କ୍ରିକେଟ(ଏସଏଲସି)ର ୨୦୨୬ ଆଇପିଏଲ ନିଷ୍ପତ୍ତିକୁ ଜୋରଦାର ବିରୋଧ କରିଛନ୍ତି। ଆଇପିଏଲ ଖେଳିବାକୁ ଏସଏଲସି ତାଙ୍କୁ ନୋ ଅବଜେକସନ ପ୍ରମାଣପତ୍ର ବା ଏନଓସି ଦେଇ ନଥିବାରୁ ଏବେ ସେ କୋର୍ଟରେ ଗୋଟିଏ କେସ୍ କରିଛନ୍ତି। ଆହତ ହୋଇଥିବା ତୁଶାରା ଧାର୍ଯ୍ୟ ଫିଟନେସ ଟେଷ୍ଟକୁ ପୂରଣ କରିବାକୁ ବିଫଳ ହେବାରୁ ତାଙ୍କୁ ଆଇପିଏଲ ଖେଳିବାକୁ ଏନଓସି ମିଳି ନଥିଲା। ଏଥିପାଇଁ ୨୦୨୬ ଆଇପିଏଲ ପାଇଁ ସେ ଭାରତ ଆସି ପାରି ନାହାନ୍ତି। ଏଥିରେ କ୍ଷୁବ୍ଧ ହୋଇ ତୁଶାରା ଏବେ କୋର୍ଟରେ କେସ୍ କରି ଏସଏଲସି ଠାରୁ ଏନଓସି ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ସେ ନିଜର



କେନ୍ଦ୍ରୀୟ ଚୁକ୍ତିକୁ ମଧ୍ୟ ନବୀକରଣ ନ କରିବାକୁ ଏସଏଲସି ଆଗରେ ପ୍ରସ୍ତାବ ରଖିଛନ୍ତି।

ଶ୍ରୀଲଙ୍କା ଭିତ୍ତିକ ମିଡିଆ ଆଉଟ ଲେଟ୍‌ରେ କୁହାଯାଇଛି ଯେ ତୁଶାରା ନିଜର ପିଟିସନରେ ଏସଏଲସି ସଭାପତି ଶାମି ସିଲଭା, ସମ୍ପାଦକ ବି ଦିସାନାୟେକ, କୋଷାଧକ୍ଷ ସୁଜିଓ୍ୱା ଗୋଡେଲିୟାଡ୍ଡା ଓ ସିଇଓ ଆଶଲେ ଡି ସିଲଭାଙ୍କ ନାଁ ଉଲ୍ଲେଖ କରିଛନ୍ତି। ତାଙ୍କ ଏସଏଲସି ପକ୍ଷରୁ ଆଇପିଏଲ ଖେଳିବାକୁ ଏନଓସି ଦେବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ତୁଶାରା ଅନୁରୋଧ କରିଛନ୍ତି। ଏପ୍ରିଲ ୯ରେ କଲୋମ୍ବୋ ଜିଲ୍ଲା କୋର୍ଟ ଏହାର ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ତାଙ୍କ କହିବା କଥା ଯେ କ୍ରିକେଟ କ୍ୟାରିୟର ଆରମ୍ଭ କରିବା ଦିନ ଠାରୁ ତାଙ୍କ ଫିଟନେସ ପ୍ରାୟତଃ ସମାନ ରହିଥିଲା। ପୂର୍ବରୁ ସମାନ ଫିଟନେଟ ପାଇଁ ତାଙ୍କୁ ଏନଓସି ମିଳିଥିଲା। ଏବେ ତାଙ୍କୁ ଏନଓସି ନ ମିଳିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ତୁଶାରା ଦାବି କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୨୫ରେ ଆରସିବି ୧.୬ କୋଟିରେ ତୁଶାରାଙ୍କୁ କିଣିଥିଲା। ୨୦୨୫ରେ ତୁଶାରା ଗୋଟିଏ ମ୍ୟାଚ୍ ଖେଳିଥିଲେ ହେଁ ଆରସିବି ଚାମ୍ପିୟନ ହୋଇଥିଲା। ୨୦୨୬ ଆଇପିଏଲ ପୂର୍ବରୁ ଆରସିବି ତାଙ୍କୁ ରିଟେନ କରିଥିଲା। ହେଲେ ତାଙ୍କୁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏନଓସି ଦେଇ ନଥିବାରୁ ସେ ଚଳିତ ବର୍ଷ ଭାରତ ଆସି ପାରିନାହାନ୍ତି। ଏଥିଯୋଗୁ ସେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ମଧ୍ୟ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି।

# ହକିରୁ ଯୁଗଳ ସ୍ୱର୍ଣ୍ଣ: ଓଡିଶାର ପଦକ ସଂଖ୍ୟା ୪୫

**ଭୁବନେଶ୍ୱର,୨।୪:** ଛତିଶଗଡର ରାୟପୁର, ଅମ୍ବିକାପୁର ଓ ଜଗଦଲପୁରଠାରେ ଖେଳାଯାଉଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡାର ଆଥଲେଟିକ୍ସ ଟ୍ରାକ୍‌ରୁ ଓଡିଶାର ପଦକ ଅମଳ ଜାରି ରହିଛି। ରାଜ୍ୟ ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ସହ କେବଳ ଟ୍ରାକ୍ ଆଣ୍ଡ୍ ଫିଲ୍‌ଡରୁ ବୁଧବାର ସୁଦ୍ଧା ୧୯ ପଦକ ଅମଳ କରି ନେଇଛନ୍ତି। ଆଜି ରାଜ୍ୟର ପ୍ରତିଭାବାନ ଆଥଲେଟ୍‌ମାନେ ଏକକାଳୀନ ଚାରିଟି ସ୍ୱର୍ଣ୍ଣ ପଦକ ହାସଲ କରି ନେଇଛନ୍ତି। ସେହିଭଳି ହକିରେ ନିଜ ଆଧିପତ୍ୟ ଜାରି ରଖି ଓଡିଶାର ଉଭୟ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତି ନେଇଛନ୍ତି। ପୁରୁଷ ଦଳ ୪-୧ରେ ଝାଡଖଣ୍ଡକୁ ପରାସ୍ତ



କରି ବିଜେତା ହୋଇଛି। ଲାସରୁସ ବାର୍ଲାଙ୍କ ପ୍ରଶିକ୍ଷଣରେ ଖେଳିଥିବା ଓଡିଶା ପକ୍ଷରୁ ସତୀଶ ମୁଣ୍ଡା, ଅଭିଷେକ ଲାକ୍ରା, ଆକାଶ ସୋରେଙ୍ଗ ଓ ଅମିତ କୁମାର ଟପ୍ପୋ ଗୋଲ୍ ଦେଇଥିଲେ। ସେହିଭଳି ମହିଳା ଦଳ ରୋମାଞ୍ଚକ ଫାଇନାଲ୍‌ରେ ମିଜୋରାମକୁ ୧-୦ ଗୋଲ୍‌ରେ ପରାସ୍ତ କରିଥିଲା। ଏକମାତ୍ର ଗୋଲଟି ଆଜମିନା କୁଜୁର ଦେଇଥିଲେ। ଉଭୟ ଦଳ ଅପରାଜିତ ରହି ସ୍ୱର୍ଣ୍ଣିମ ସଫଳତା ହାସଲ କରିବା ଗର୍ବ ଓ ଗୌରବର ବିଷୟ ହୋଇଥିଲା। ବୁଧବାରର ୬ ସ୍ୱର୍ଣ୍ଣ ସହ ରାଜ୍ୟ ଦଳର ମୋଟ ପଦକ ସଂଖ୍ୟା ୪୫ରେ ପହଞ୍ଚିଛି। ସେଥିମଧ୍ୟରେ ରହିଛି ୧୯ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୬ କାଂସ୍ୟ। ତା' ସହିତ ଓଡିଶା ପଦକ ତାଲିକାର ଦ୍ୱିତୀୟ ସ୍ଥାନରେ ଦୃଢ଼ ରହିଛି। ପ୍ରଥମ ସ୍ଥାନରେ ଥିବା କର୍ଣ୍ଣାଟକ (୩୬ ପଦକ, ୨୧ ସ୍ୱର୍ଣ୍ଣ, ୮ ରୌପ୍ୟ, ୭ କାଂସ୍ୟ)ଠାରୁ ଅଧିକ ପଦକ ପାଇଥିଲେ ମଧ୍ୟ କମ ସ୍ୱର୍ଣ୍ଣ ପାଇଥିବାରୁ ଓଡିଶା ଦ୍ୱିତୀୟ ସ୍ଥାନରେ ରହିଛି। ଓଡିଶାର ପଦକଗୁଡିକ ସନ୍ତରଣ, ଭାରଉତ୍ତୋଳନ, ଦୌଡକୁଦ, ହକି ଓ କୁସ୍ତିରୁ ମିଳିଛି। ଉଭୟ ସନ୍ତରଣ ଓ ଆଥଲେଟିକ୍ସରୁ ୭ଟି ଲେଖାଏଁ ସ୍ୱର୍ଣ୍ଣ ମିଳିଛି। ଆଜିର ପଦକ ବିଜେତାଙ୍କ ମଧ୍ୟରେ ରହିଛନ୍ତି ରୋଶନ ଖାଡିଆ (ସ୍ୱର୍ଣ୍ଣ, ପୁରୁଷ ୪୦୦ ମିଟର ହର୍ଡଲ୍‌ସ), ଦୟାନିଧି ମୁଣ୍ଡା (ସ୍ୱର୍ଣ୍ଣ, ପୁରୁଷ ୮୦୦ ମିଟର), ଆଲିସ ଏକ୍କା (ରୌପ୍ୟ, ମହିଳା ୧୦ କିଲୋମିଟର), ବାସନ୍ତୀ ମାଝୀ (କାଂସ୍ୟ, ମହିଳା ୪୦୦ ମିଟର ହର୍ଡଲ୍‌ସ), ଦୀପା କିଶନ (ସ୍ୱର୍ଣ୍ଣ, ମହିଳା ହାଇଜମ୍ପ), ପୂର୍ଣ୍ଣିମା ସାଣ୍ଡିଲ (ରୌପ୍ୟ, ମହିଳା ୮୦୦ ମିଟର), ଧନମତି ଖେସ୍ (ସ୍ୱର୍ଣ୍ଣ, ମହିଳା ଜାଭଲିନ) ପ୍ରମୁଖ।

# ଡଲାର ଲେହାର ଆବଶ୍ୟକୀୟ ଜିନିଷରେ ଅପ୍ରତ୍ୟାଶିତ ମୋଡ଼

**ନୂଆଦିଲ୍ଲୀ,୨।୪:** ଡଲାର ଲେହାର ଚଳିତ ଗ୍ରୀଷ୍ମ ଋତୁରେ ଏକ ନୂତନ ଅଭିଯାନ ସହିତ ଉଷ୍ମତାକୁ ବୃଦ୍ଧି କରୁଛି ଯାହା ହାସ୍ୟରସ, କଳ୍ପନା ଏବଂ ଏକ ଅପ୍ରତ୍ୟାଶିତ ବିଜ୍ଞାନ-କଥା ମୋଡ଼କୁ ମିଶ୍ରଣ କରିଥାଏ। ଅନ୍ତଃପୋଷାକ ବର୍ଗ ଏହାର ଶିଖର ଋତୁରେ ପ୍ରବେଶ କରୁଥିବା ସମୟରେ, ବ୍ରାଣ୍ଡ ଏକ ଜୀବନ୍ତ ହାଇଓ୍ୱେ ଢାବାରେ ଏକ ଆକର୍ଷଣୀୟ କାହାଣୀକୁ ଜୀବନ୍ତ କରିଥାଏ,ଯେଉଁଠାରେ ଏକ ସାଧାରଣ ରାତି ଏକ ଅସାଧାରଣ ମୋଡ଼ ନେଇଥାଏ। ଏହି ଅଭିଯାନ ସହିତ, ଡଲାର ଲେହାର ଏକ ନିର୍ଭରଯୋଗ୍ୟ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଥାଏ, ଏକ କାହାଣୀ ମାଧ୍ୟମରେ ପ୍ରଦାନ କରାଯାଇଛି ଯାହା ମନୋରଞ୍ଜନକାରୀ ଏବଂ ସ୍ମରଣୀୟ।

ବ୍ରାଣ୍ଡ ଅଭିଯାନ ଏବଂ ବ୍ରାଣ୍ଡ ଆମ୍ବାସାଡର ବିଷୟରେ କହିବାକୁ ଗଲେ, ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଛନ୍ତି, ସୈଫଙ୍କ ସହ ଆମର ସମ୍ପର୍କ ବ୍ରାଣ୍ଡ ପାଇଁ ଏକ ଦୃଢ଼ ମୂଲ୍ୟ ପ୍ରଦାନ କରିଛି। ତାଙ୍କର ତୀକ୍ଷ୍ଣ ବୁଦ୍ଧି ଏବଂ ବିଶ୍ୱସନୀୟତା ପୁରୁଷ ଦର୍ଶକଙ୍କ ସହିତ ବିଶେଷ ଭାବରେ ଭଲ ଭାବରେ ପ୍ରତିଫଳିତ ହୋଇଛି ଏବଂ ସେହି ସଂଯୋଗ ଆମ ପାଇଁ ଅର୍ଥପୂର୍ଣ୍ଣ ଅଭିବୃଦ୍ଧିରେ ଅନୁବାଦିତ ହୋଇଛି। ସହଭାଗୀତାକୁ ଆହୁରି ଆକର୍ଷଣୀୟ କରିଥାଏ ତାହା ହେଉଛି ତାଙ୍କର ବ୍ୟକ୍ତିତ୍ୱ କିପରି ସ୍ୱାଭାବିକ ଭାବରେ ଆମର ବ୍ରାଣ୍ଡ ଦର୍ଶନ ସହିତ ସମନ୍ୱିତ ହୁଏ, ଏହି ସଂଘର ନବୀକରଣକୁ ଏକ ଅତ୍ୟନ୍ତ ସ୍ୱାଭାବିକ ପଦକ୍ଷେପ କରିଥାଏ। ଟିବିଡବ୍ଲୁଏ/ଲିଂଟାସ ଦ୍ୱାରା ସଂକଳ୍ପିତ ଏବଂ ପ୍ରସିଦ୍ଧ ବିଜ୍ଞାପନ-ଫିଲ୍ମ ନିର୍ମାତା ଉଜେର ଖାନଙ୍କ ଦ୍ୱାରା ନିର୍ଦ୍ଦେଶିତ, ନୂତନ ବିଜ୍ଞାପନ ପ୍ରତିଦିନ କାହାଣୀ କହିବାରେ ଏକ କଳ୍ପନାଶୀଳ ମୋଡ଼ ଆଣିଥାଏ। ଏହି ଫିଲ୍ମଟି କିଛି ବନ୍ଧୁଙ୍କ ଉପରେ ଆଧାରିତ, ଯେଉଁମାନେ ଅପ୍ରତ୍ୟାଶିତ ଭାବରେ ଏଲିଏନ୍ ସହିତ ମୁହାଁମୁହିଁ ହୁଅନ୍ତି, ଯାହା ପ୍ରଥମେ ଏକ ଉତେଜନାପୂର୍ଣ୍ଣ ମୁକାବିଲା ପରି ମନେହୁଏ। ତଥାପି, ମୁହୂର୍ତଟି ଶୀଘ୍ର ଖେଳୁଆଡ଼ ହୋଇଯାଏ, ଡଲାର୍ ଲେହାର ଅନ୍ତର୍ନିହିତ ପୋଷାକକୁ ଏକ ମଜାଦାର ଏବଂ ଅପ୍ରତ୍ୟାଶିତ ଉପାୟରେ ପ୍ରକାଶ କରେ। ଚତୁର ଶବ୍ଦ ଖେଳ ଏବଂ ହାଲୁକା ହାସ୍ୟରସ ସହିତ, ଡଲାର୍ ଲେହାର ବାନିଆନ୍ (ଭେଷ୍ଟ)ର ପ୍ରକାଶ କାହାଣୀର କେନ୍ଦ୍ରବିନ୍ଦୁ ହୋଇଯାଏ,ଏହାକୁ ଏକ ବିଶ୍ୱସ୍ତ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ଭାବରେ ସ୍ଥାନିତ କରେ ଯାହା ଯେକୌଣସି ପରିସ୍ଥିତିରେ ଆପଣଙ୍କ ସହିତ ଠିଆ ହୁଏ।

# ୫ରେ ଚେତକ ସ୍କ୍ରିନ୍ ଆଓ୍ୱାର୍ଡସ

**ଭୁବନେଶ୍ୱର,୨।୪:** ଭାରତୀୟ ସିନେମାର ସବୁଠାରୁ ପ୍ରତୀକ୍ଷିତ ରାତି ପାଇଁ ମଂଚ ପ୍ରସ୍ତୁତ। 'ଚେତକ ସ୍କ୍ରିନ୍ ଆଓ୍ୱାର୍ଡସ୍ ୨୦୨୬' ଏପ୍ରିଲ ୫ ରେ ସିଧାପ୍ରସାରଣ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଦର୍ଶକମାନେ ଏହି ପୁରସ୍କାର ସମାରୋହକୁ ଲାଇଭ୍ ଉପଭୋଗ କରିପାରିବେ। ଚଳଚ୍ଚିତ୍ର ପ୍ରେମୀଙ୍କ ବଢୁଥିବା ଚାହିଦା ବିଶ୍ୱସ୍ତରୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସମାରୋହ ରାତି ୮ଟାରେ ୟୁଟ୍ୟୁବ୍, ସୋନି ଏଂଟରଟେନମେଂଟ ଟେଲିଭିଜନ ଓ ସୋନି ଲିଭରେ ସିଧାପ୍ରସାରଣ କରାଯିବ। ଏହି ସମାରୋହ ପାଇଁ ବିଭିନ୍ନ ବ୍ରାଣ୍ଡ ସହ ସହଯୋଗିତା ସ୍ଥାପନ କରାଯାଇଛି। ସେଥି ମଧ୍ୟରେ ରହିଛି ବଜାଜ ଅଟୋର ସ୍କୁଟର ବ୍ରାଣ୍ଡ ଚେତକ, ମୃଦୁ ପାନୀୟ କାମ୍ପା, ଅଳଙ୍କାର ବ୍ରାଣ୍ଡ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ, ଆଦାନୀ ପୋର୍ଟସ ଓ ବ୍ରାଇଟ ମିଡିଆ। ଦି ଆଓ୍ୱାର୍ଡ ଗ୍ୟାଲେରୀ ଚେତକ ସ୍କ୍ରିନ୍ ଆଓ୍ୱାର୍ଡସ୍ ୨୦୨୬ ପାଇଁ ଟ୍ରଫି ପାର୍ଟନର ଭାବରେ ସାମିଲ ହୋଇଛି। ବଜାଜ୍ ଅଟୋ ଲିମିଟେଡର ଏକଜିକ୍ୟୁଟିଭ୍ ଡାଇରେକ୍ଟର ରାକେଶ ଶର୍ମା କହିଛନ୍ତି, "ସ୍କ୍ରିନ୍ ଆଓ୍ୱାର୍ଡସ୍ ସହ ଆମର ସହଭାଗିତା ଏକ ଗର୍ବର ବିଷୟ। ଚେତକ ଯେହେତୁ ଏକ ଯୁବ ଓ ଆଧୁନିକ ବ୍ରାଣ୍ଡ ଭାବରେ ଉଭା ହେଉଛି, ତେଣୁ ଗଭୀର ସାଂସ୍କୃତିକ ପ୍ରାସଙ୍ଗିକତା ରଖୁଥିବା ପ୍ଲାଟଫର୍ମଗୁଡ଼ିକ ସହିତ ଯୋଡ଼ିହେବା ଓ ଯୁବ ଦର୍ଶକଙ୍କ ସହ ଅର୍ଥପୂର୍ଣ୍ଣ ଭାବେ ସଂଯୋଗ ସ୍ଥାପନ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।" ଡିଆଜିଓ ଇଣ୍ଡିଆର ମାର୍କେଟିଂ ଉପାଧ୍ୟକ୍ଷା ଓ କାଟେଗୋରି ମୁଖ୍ୟ ଆନନ୍ଦିତା ଦତ୍ତ କହିଛନ୍ତି ଯେ, "ହାଉସ୍ ଅଫ୍ ମ୍ୟାକଡୋଓ୍ୱେଲ୍ସ ସୋଡା ସର୍ବଦା ଦେଶର ସାଂସ୍କୃତିକ ସଂରଚନା, ସଙ୍ଗୀତ, କମେଡି ଓ କ୍ରୀଡ଼ା ସହିତ ଗଭୀର ଭାବରେ ଜଡ଼ିତ।

# ଲକ୍ଷ୍ନୌ ମାଲିକ ଓ ପନ୍ତଙ୍କ ମଧ୍ୟରେ ଯୁକ୍ତିତର୍କ

**ନୂଆଦିଲ୍ଲୀ,୨।୪:** ଆଇପିଏଲ ପ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପର ଜାଏଣ୍ଟସର ମାଲିକ ସଞ୍ଜୀବ ଗୋଏଙ୍କାକୁ ନେଇ ପୁଣି ବିବାଦ। ଦୁଇ ବର୍ଷ ତଳେ କେଏଲ ରାହୁଲଙ୍କ ସହ ଗୋଏଙ୍କା ଯେମିତି ବ୍ୟବହାର କରିଥିଲେ ଏବେ ଏହାର ପୁନରାବୃତ୍ତି କରିଛନ୍ତି। ଦଳ ମ୍ୟାଚ ହାରିବାରୁ ସେ ପଡିଆ ଭିତରେ ଅଧିନାୟକ ଓ କୋଚ୍‌ଙ୍କ ଉପରେ ନିଜର ଅସନ୍ତୋଷ ଝାଡିଛନ୍ତି। ୨୦୨୪ରେ ରାହୁଲଙ୍କ ସହ ଦୁର୍ବବ୍ୟବହାର କରିଥିଲେ।ଏଥର ସେ ପଡିଆରେ ଲକ୍ଷ୍ନୌ ଅଧିନାୟକ ତଥା ଆଇପିଏଲର ସବୁଠାରୁ ଦାମୀ ଖେଳାଳି ଋଷଭ ପନ୍ତଙ୍କ ସହ କରିଛନ୍ତି ଯୁକ୍ତିତର୍କ। ଲକ୍ଷ୍ନୌ ୨୦୨୬ ଆଇପିଏଲର ପ୍ରଥମ ମ୍ୟାଚ୍ ଦିଲ୍ଲୀ ଠାରୁ ୬ ୱିକେଟରେ ହାରିବା ପରେ ପଡିଆ



ମଝିରେ ପନ୍ତ ଓ କୋଚ୍ ଜଷ୍ଟିସ ଲାଙ୍ଗରଙ୍କ ସହ ଗୋଏଙ୍କା ହାତ ହଲାଇ ରାଗରେ କଥାବାର୍ତ୍ତା କରୁଥିବା ଭିଡିଓ ସାମ୍ନାକୁ ଆସିଛି। ପନ୍ତ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିବା ବେଳେ ସେ ହାତ ହଲାଇ ଅତ୍ୟନ୍ତ ବେଧଡକ ଅନ୍ଦାଜରେ କିଛି କହୁଥିବା ଜଣାପଡିଛି। ମ୍ୟାଚ ହାରିବା ଯୋଗୁ ଜଣେ ଖେଳାଳି ଓ କୋଚ୍ ସହ କ୍ୟାମେରା ସାମ୍ନାରେ ଗୋଏଙ୍କାଙ୍କ ଏପରି ଆଚରଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହାପୂର୍ବରୁ ୨୦୨୪ ଆଇପିଏଲର ଗୋଏଙ୍କା ସମାନ କାଣ୍ଡ ଘଟାଇଥିଲେ। ସେତେବେଳେ କେଏଲ ରାହୁଲ ଲକ୍ଷ୍ନୌର ଅଧିନାୟକ ଥିଲେ। ଲକ୍ଷ୍ନୌ ୧୦ ୱିକେଟରେ ହାଇଦ୍ରାବାଦ ଠାରୁ ହାରିବା ପରେ ଗୋଏଙ୍କା କ୍ୟାମେରା ସାମ୍ନାରେ ରାହୁଲଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ। ଏହାକୁ ନେଇ ବିବାଦ ଦେଖାଯାଇଥିଲା। ରାହୁଲ ମଧ୍ୟ ସେହିବର୍ଷ ଲକ୍ଷ୍ନୌ ଛାଡି ଦେଇଥିଲେ। ୨୦୨୫ରୁ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଆଇପିଏଲ ଖେଳୁଛନ୍ତି। ପନ୍ତଙ୍କ ସହ ଗୋଏଙ୍କା ସମାନ କାଣ୍ଡ ଏବେ ଘଟାଇଥିବାରୁ ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ବିବାଦ ବଢୁଥିବାରୁ ଗୋଏଙ୍କା ପୂରା ଘଟଣାରେ ତାଳି ପକାଇବାକୁ ଚେଷ୍ଟା କରିଛନ୍ତି। ପରାଜୟ ସତ୍ତ୍ୱେ ସେ ଅଧିନାୟକ ପନ୍ତ ଓ ଲକ୍ଷ୍ନୌ ଟିମକୁ ପ୍ରଶଂସା କରିଛନ୍ତି। ଦଳ ଆଗକୁ ଭଲ ପ୍ରଦର୍ଶନ କରିବ ବୋଲି ମଧ୍ୟ ସେ ଆଶା କରିଛନ୍ତି। କିନ୍ତୁ ଏହାପୂର୍ବରୁ ସେ ପନ୍ତଙ୍କ ସହ ଅତ୍ୟନ୍ତ ରାଗରେ କଥା ହେବା ଘଟଣାକୁ କେହି ବି ଭୁଲି ନାହାନ୍ତି।

# ଭିମ୍ ପେମେଣ୍ଟସ୍ ଆପ୍ କ୍ୟାମ୍‌ପେନ୍ ଆରମ୍ଭ

**କଟକ,୨।୪:** ଭିମ୍ ପେମେଣ୍ଟସ୍ ଆପ୍, ଯାହା ଏନ୍ ପିସିଆଇ ଭୀମ ସର୍ଭିସେସ୍ ଲିମିଟେଡ୍ (ଏନ୍ ବିଏସଏଲ) ଦ୍ୱାରା ଉନ୍ନତ ହୋଇଥିବା ଘରୋଇ ଡିଜିଟାଲ୍ ପେମେଣ୍ଟସ୍ ପ୍ଲାଟଫର୍ମ, ଆଜି ତାହାର 'ମାହି ଭାବେ' କ୍ୟାମ୍‌ପେନ୍ ଆରମ୍ଭ କରିଛି। ଏହି କ୍ୟାମ୍‌ପେନ୍ ଭିମ୍ କୁ ଏକ ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ବିକଳ୍ପ ଭାବରେ ପ୍ରତିଷ୍ଠା କରିଛି, ଯାହା ଉପଭୋକ୍ତାମାନେ ତତ୍କାଳ ପେମେଣ୍ଟ୍ ସମ୍ପୂର୍ଣ୍ଣ କରିପାରିବେ। ଭାରତର ଟ୍ରଷ୍ଟ-ଭିତ୍ତିକ ଅର୍ଥ ସମ୍ପର୍କକୁ ପ୍ରତିବିମ୍ବିତ କରି, ଏହା ଭିମ୍ ପେମେଣ୍ଟସ୍ ଆପ୍ ଦ୍ୱାରା ସୁବିଧାଜନକ ଏବଂ ସୁରକ୍ଷିତ ପେମେଣ୍ଟ୍ ବାବଦରେ ଜୋର ଦେଇଥାଏ, ଏବଂ ନୂତନ ଉପଭୋକ୍ତାମାନେ ସହିତ ସମସ୍ତଙ୍କର ଡିଜିଟାଲ୍ ପେମେଣ୍ଟ୍ ପ୍ରତି ଆତ୍ମବିଶ୍ୱାସ ଗଢ଼ିବାରେ ସାହାଯ୍ୟ କରେ।" "୩୬୦-ଡିଗ୍ରୀ କ୍ୟାମ୍‌ପେନ୍‌ରେ ପ୍ରସିଦ୍ଧ କ୍ରିକେଟର ଏବଂ ବ୍ରାଣ୍ଡ୍ ଏମ୍ବାସଡର୍ ମହେନ୍ଦ୍ର ସିଂଧ ଧୋନିଙ୍କୁ ଅନ୍ତର୍ଗତ କରାଯାଇଛି, ଯାହାଙ୍କର ସ୍ଥିର ଏବଂ ନିର୍ଭରଯୋଗ୍ୟ ବ୍ୟକ୍ତିତ୍ୱ ଭିମ୍ ପେମେଣ୍ଟସ୍ ଆପ୍ ଦ୍ୱାରା ଉପଭୋକ୍ତାମାନେ ଅନୁଭବ କରନ୍ତି ସେହି ପରି ମେଳ ଖାଏ। 'ଭିମ୍ ଆପ୍ ସେ କରୋ ପେ, ଇଟ୍ସ ଦ ମାହି ଭାବେ' ଭାବନା ଚାରିପାଖରେ ତିଆରି ହୋଇଥିବା କ୍ୟାମ୍‌ପେନ୍ ସେହି ସାଧାରଣ ଦୈନନ୍ଦିନ ଘଟଣାମାନଙ୍କୁ ପ୍ରଦର୍ଶନ କରେ, ଯେଉଁଠାରେ ଉପଭୋକ୍ତାମାନେ ବହୁତ ପେମେଣ୍ଟ୍ ବିକଳ୍ପରେ ସାମ୍ନା କରନ୍ତି ଏବଂ ସହଜ, ନିର୍ଭରଯୋଗ୍ୟ ଉପାୟକୁ ପସନ୍ଦ କରନ୍ତି। ଏହି ଫିଲ୍ମମାନେ ଭିମ୍ର ସ୍କାନ୍ ଏବଂ ପେ ଅନୁଭବ ସହିତ ତତ୍କାଳ ପୁରସ୍କାରକୁ ମଧ୍ୟ ଦେଖାଏ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ